ସକାଳ THE SAKALA



www.sakalaepaper.com

## ଆର୍ଯ୍ୟପଲ୍ଲୀ ହତ୍ୟାକାଣ୍ଡ ଘଟଣାରେ ୨ ଗିରଫ

# ଦୁର୍ଘଟଣାର ରୂପ ଦେବାକୁ ହୋଇଥିଲା ଚେଷ୍ଟା

ଛତ୍ରପୁର, ୫।୪(ସମିସ)



୨୦୨୩ ମାର୍ଚ୍ଚ ୨୨ ତାରିଖରେ ଚମାଖଣ୍ଡି ଥାନା ଅନ୍ତର୍ଗତ ଡୁବୁଲି ଛକରେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ହତ୍ୟା ପରେ ଅଭିଯୁକ୍ତମାନେ ଦୁର୍ଘଟଣା ରୂପ ଦେବାକୁ ଚେଷ୍ଟା କରି ରାସ୍ତା ପାର୍ଶ୍ୱରେ ମୃତଦେହ ପକାଇ ଚାଲିଯାଇଥିଲେ। ମୃତକ ହେଲେ ଆର୍ଯ୍ୟପଲ୍ଲୀ ଗ୍ରାମର ଏ. ଚେନ୍ଦ୍ରେୟା। କୌଣସି କାରଣ ନେଇ ଏ. ଚେନ୍ଦ୍ରେୟାଙ୍କୁ ତାଙ୍କ ୨ଜଣ ସମ୍ପର୍କୀୟ ହତ୍ୟା କରି ରାସ୍ତାରେ ଫୋପାଡ଼ି ଦେଇଥିଲେ। ଏନେଇ ପୁଲିସ ସରଜମିନ୍ ତଦନ୍ତ କରିବା ପରେ ଗୁରୁବାର ଏଥିରେ ସମ୍ପୃକ୍ତ ଥିବା ଜି. ଲାଛେୟା ଓ ଜି. ମୁସଲେୟାଙ୍କୁ ଗିରଫ୍ କରି କୋର୍ଟଚାଲାଣ କରିଛି।

ସୂଚନା ଥାଉ କି, ୨୦୨୩ ମାର୍ଚ୍ଚ ୨୨ ତାରିଖ ଦିନ ଡୁବୁଲି ଛକଠାରେ ଏକ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ପରେ ସେହି ଘଟଣା ଦୁର୍ଘଟଣା ଯୋଗୁଁ ହୋଇଥିବା ନେଇ ଚମାଖଣ୍ଡି ଥାନାରେ ଅଭିଯୋଗ ହୋଇଥିଲା। ଆଉ ସେତେବେଳେ ଉକ୍ତ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ କିଛି ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣାର ଏକ ବର୍ଷ ବିତିଯାଇଥିବାବେଳେ ଗୁରୁବାର ଚମାଖଣ୍ଡି ଥାନା ଅଧିକାରୀ ଦୀପିକା ଦେବୀ ରାୟ ଉକ୍ତ ଘଟଣାର ତଦନ୍ତ କରି ଏହା ହତ୍ୟା କରାଯାଇଥିବା ନେଇ ତଦନ୍ତରୁ ଜାଣିପାରିଥିଲେ। ଏ ଘଟଣାରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ପୋଖରୀ ହୁଡ଼ାରେ ଗାର୍ଡ ୱାଲ୍ ନିର୍ମାଣ ଦାବି

**ଧରାକୋଟ, ୫।୪(ସମିସ):** ଧରାକୋଟ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ରହିଛି ଧରାକୋଟ ହରିପୁର ଚାରି କିମି ରାସ୍ତା। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ଅନ୍ତର୍ଭୁକ୍ତ ଏହି ରାସ୍ତା ଧରାକୋଟ ଥାନା ଛକ ଠାରୁ ଆରମ୍ଭ ହୋଇ କୁଷଗୁମା ଛକ ପର୍ଯ୍ୟନ୍ତ ଯାଇଛି। ରାସ୍ତାର ମଧ୍ୟ ଭାଗରେ ରହିଛି ପଳପଲି ବନ୍ଧ, ଡାକିବଜା ଜେନାବନ୍ଧ ଓ ବେଠୁଆର ଗାଁ ବନ୍ଧ। ହେଲେ ଏହି ତିନୋଟ ବନ୍ଧର ହିଡ ଉପର ଦେଇ ରାସ୍ତା ଯାଇଥିଲେ ମଧ୍ୟ କୌଣସି ସୁରକ୍ଷା ପ୍ରାଚୀର ନଥିବା ଯୋଗୁଁ ପ୍ରତିଦିନ ଛୋଟ ବଡ ଦୁର୍ଘଟଣା ଘଟି ଧନ ଜୀବନ ନଷ୍ଟ ହେଉଛି। ଧରାକୋଟ ବ୍ଲକର ଏହା ଏକ ବ୍ୟସ୍ତ ବହୁଳ ରାସ୍ତା। ଏହି ରାସ୍ତା ଦେଇ ବାହାରପୁର, ମାଣିକ୍ୟପୁର, ମାଛାକୋଟ, ବଳରାମପୁର, ସାବା, ରୁଗୁମୁ, ଓଳମ୍ବା ଓ ବରଡ଼ାବିଲି ପଞ୍ଚାୟତ ସହ ବଡଗଡ଼କୁ ଶହ ଶହ ଲୋକଙ୍କ ସହ ଗାଡ଼ି ମଟର ଯାତାୟାତ କରିଥାଏ। ଏଣୁ ଦୁର୍ଘଟଣାକୁ ଏଡାଇବା ସହ ଧନ ଜୀବନ ର ସୁରକ୍ଷା ଦୃଷ୍ଟିରୁ ଏହି ତିନୋଟି ପୋଖରୀ ହିଡରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ସୁରକ୍ଷା ପ୍ରାଚୀର ନିର୍ମାଣ ପାଇଁ ଦାବି ହେଉଛି।



# ବଢୁଛି ତାତି, କେବେ ଖୋଲିବ ଜଳଛତ୍ର

**ଜଗନ୍ନାଥପ୍ରସାଦ, ୫।୪(ସମିସ):** ତାତିରୁ ନାହିଁ ଆଶ୍ୱସ୍ତି। ଦିନକୁ ଦିନ ବୃଦ୍ଧି ପାଉଛି ଗ୍ରୀଷ୍ମ ପ୍ରବାହ। ମାର୍ଚ୍ଚ ମାସ ଆରମ୍ଭରୁ ଖରାର ପ୍ରକୋପ ସେତେଟା ନ ଥିଲା। କାରଣ ଅଦିନିଆ ବର୍ଷା ଓ ଲଘୁଚାପ ଲାଗି ସାମାନ୍ୟ ଆଶ୍ୱସ୍ତି ମିଳିଥିଲା। ମାର୍ଚ୍ଚ ଶେଷରେ ପାରଦ ୩୭ ଡିଗ୍ରୀକୁ ବଢ଼ିଥିଲା। ପୁଣି ଏପ୍ରିଲ ଆରମ୍ଭରୁ ତାହା ତାପମାତ୍ରା ଯଥାକ୍ରମେ ୪୦ ରୁ ୪୨ ଡିଗ୍ରୀ ସେଲିସିୟସକୁ ବୃଦ୍ଧି ପାଇଛି। ଅପରାହ୍ନ ୫ଟାରେ ତାପମାତ୍ରା ୩୮ ଡିଗ୍ରୀ ରହୁଛି ଏବଂ ୬ ଘଣ୍ଟା ପର୍ଯ୍ୟନ୍ତ ଗୁଳୁଗୁଳିରେ ଜନସାଧାରଣ ସିଝୁଛନ୍ତି। ଅଂଶୁଘାତ ପରିସ୍ଥିତି ଉପୁଜିବା ଆଶଙ୍କା କରାଯାଉଛି। ଏହା ମାର୍ଚ୍ଚ ମାସ ଆରମ୍ଭରୁ ଅସହ୍ୟ ତାତି ଅନୁଭୂତି ହେଉଥିଲେ ସୁଦ୍ଧା ଆଜି ଯାଏଁ ବ୍ଲକର କୌଣସି ସ୍ଥାନରେ ଗୋଟିଏ ବି ଜଳ ବିତରଣ କେନ୍ଦ୍ର ଖୋଲା ଯାଇ ନାହିଁ। ଫଳରେ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମାର୍ଚ୍ଚ ମାସ ସରି ଏପ୍ରିଲ ପଶିଲାଣି। କିନ୍ତୁ ବ୍ଲକ ପ୍ରଶାସନ କିମ୍ବା ପଞ୍ଚାୟତ ଅଧିକାରୀଙ୍କ ଜଳଛତ୍ର ଖୋଲିବା ନେଇ ମନେ ପଡୁନି। ବ୍ଲକ ଉପଖଣ୍ଡ ଅଧିନରେ ବସବାସ କରୁଥିବା ଜନସାଧାରଣ ନିଜ ନିଜର ଭିନ୍ନ ଭିନ୍ନ କାମ ପାଇଁ ବ୍ଲକ, ତହସିଲ, ଥାନା, କୋର୍ଟ କଚେରୀ, ବ୍ୟାଙ୍କ, ପୂର୍ତ୍ତ ବିଭାଗ, ଗୋଷ୍ଠୀ ଶିକ୍ଷା ବିଭାଗ, ସ୍କୁଲ, କଲେଜ, ମେଡିକାଲ ଓ ବାଣୀଜିକକ୍ଷେତ୍ର ଭଳି ବିଭିନ୍ନ କାର୍ଯ୍ୟ ନେଇ ଜଗନ୍ନାଥପ୍ରସାଦ ଆସନ୍ତି। ତେଣୁ ଲୋକଙ୍କ ସୁବିଧା ଦୃଷ୍ଟିରୁ ତୁରନ୍ତ ଜଳଛତ୍ର ଖୋଲିବା ପାଇଁ ଦାବି ହେଉଛି।

## ପୋଖରୀରେ ବୁଡ଼ି ବୃଦ୍ଧ ମୃତ

**ବେଲଗୁଣ୍ଠା, ୫।୪(ସମିସ):** ବେଲଗୁଣ୍ଠା ଥାନା ଅନ୍ତର୍ଗତ ଭଗବତପାଟଣାର ଜଣେ ୬୫ ବର୍ଷୀୟ ବୃଦ୍ଧ ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଥିବା ବେଲଗୁଣ୍ଠା ଥାନାରେ ଅଭିଯୋଗ ହୋଇଛି। ବୃଦ୍ଧ ଜଣଙ୍କ ହେଲେ ଭଗବତପାଟଣାର ବାଇନାଥ ପାତ୍ର ଓ ବାଇନାଥଙ୍କ ପୁଅ ରବି ପାତ୍ର। ଏତଲା ପ୍ରକାରେ ବାଇନାଥ ଗୁରୁବାର ସନ୍ଧ୍ୟାରୁ ଘରେ ନଥିଲେ ଓ ପରିବାର ଲୋକେ ଭାବିଥିଲେ ବାଇନାଥ ଦଣ୍ଡନାଚ ଦେଖିବାକୁ ଯାଇଛନ୍ତି ବୋଲି। ତେବେ ସକାଳ ଦଶ ଘଣ୍ଟା ସମୟରେ ଗୋଲା ସାହିର କିଛି ପିଲା ଭଗବତପାଟଣା ବାଲିବନ୍ଧରେ ଗାଧୋଉଥିବାରୁ ସମୟରେ ପୋଖରୀରେ ଏକ ମୃତ ଦେହ ଭାସୁଥିବାର ଦେଖିବାକୁ ପାଇଥିଲେ। ଏନେଇ ସେହି ପିଲାମାନେ ଗ୍ରାମରେ ଜଣାଇବା ପରେ ଗ୍ରାମବାସୀଙ୍କ ସହିତ ବାଇନାଥଙ୍କ ପରିବାର ଲୋକେ ମଧ୍ୟ ପୋଖରୀ କୂଳକୁ ଯାଇ ଭାସୁଥିବା ଶବଟି ବାଇନାଥଙ୍କର ବୋଲି ଜାଣିବାକୁ ପାଇଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ମେଡିକାଲକୁ ପଠାଇବା ସହ କେସନଂ(୬/୨୪)ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

**ସାନଖେମୁଣ୍ଡି, ୫।୪(ସମିସ):** ଗଞ୍ଜାମ ଜିଲ୍ଲା ପାଟପୁର ଥାନା ଫାସିଗୁଡ଼ା ପଞ୍ଚାୟତ ତୁଣ୍ଡୁରା ଗ୍ରାମରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି ପୁଲିସ। ଯୁବକ ଜଣଙ୍କ ହେଲେ ତୁଣ୍ଡୁରା ଗ୍ରାମର ଶିବରାମ ପ୍ରଧାନ(୩୫)। ସୋମବାର ଶିବରାମ ନିଜ ଭଉଣୀ ଘରକୁ ଯାଇ ଘରକୁ ଆସିନଥିଲେ। ଏନେଇ ଶିବରାମଙ୍କ ପରିବାର ଲୋକେ ଖୋଜାଖୋଜି କରି ନିରାଶ ହୋଇଥିଲେ। ଶୁକ୍ରବାର ତୁଣ୍ଡୁରା ଗ୍ରାମ ଲକ୍ଷ୍ମୀ ନୃସିଂହ ମନ୍ଦିର ନିକଟରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ନିକଟରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ପରେ ଉକ୍ତ ମୃତଦେହ ଶିବରାମଙ୍କ ବୋଲି ଜଣାପଡ଼ିଥିଲା। ତେବେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଶିବରାମଙ୍କ ମୃତ୍ୟୁ ହୋଇଥିବା ଗ୍ରାମବାସୀ ସନ୍ଦେହ କରିଛନ୍ତି। ଏନେଇ ଶିବରାମଙ୍କ ଭାଇ ନାରାୟଣ ପ୍ରଧାନ ଅଭିଯୋଗ କରିବା ପରେ ପୁଲିସ ମୃତଦେହ ଜବତ କରିବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ଜଳଛତ୍ର ଖୋଲିବାକୁ ଦାବି

**ସାନଖେମୁଣ୍ଡି, ୫।୪(ସମିସ):** ଗତ କିଛି ଦିନ ହେବ ସାନଖେମୁଣ୍ଡି ବ୍ଲକ ଅଞ୍ଚଳରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଘୋଡ଼ାହାଡ ନଦୀ ଓ ପୋଖରୀ ସବୁ ଶୁଖିଲା ପଡ଼ିଛି। ପାଣି ଟୋପେ ପିଇବାକୁ ମଣିଷଙ୍କ ସହିତ ପଶୁ ପକ୍ଷୀ ତହଳ ବିକଳ ହେଉଛନ୍ତି। ବିଭିନ୍ନ ଗ୍ରାମରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ହୋଇଛି ସତ କିନ୍ତୁ ଏ ଗୁଡ଼ିକ ଅଚଳ ହୋଇ ପଡ଼ିଥିବା ଅଭିଯୋଗ ହେଉଛି। ବିଭିନ୍ନ ସ୍ଥାନରେ ଥିବା ନଳକୂପ ଗୁଡ଼ିକରେ ଜଳସ୍ତର ଖସି ଯାଇଥିବାରୁ ସ୍ଥାନେ ସ୍ଥାନେ ଅଚଳ ହୋଇପଡ଼ିଥିବା ଦେଖିବାକୁ ମିଳୁଛି। ପ୍ରତିବର୍ଷ ପଞ୍ଚାୟତ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ମାନଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲା ଯାଇଥାଏ। ପଥଚାରୀ ଓ ଅନ୍ୟ ମାନେ ସୁବିଧାରେ ପିଇବାକୁ ପାଣି ପାଇଥାନ୍ତି। କିନ୍ତୁ ଚଳିତବର୍ଷ ସାନଖେମୁଣ୍ଡି ବ୍ଲକ ଅଞ୍ଚଳରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ କେଉଁଠି ବି ଜଳଛତ୍ର ଖୋଲା ଯାଇନାହିଁ। ଫଳରେ ବାଟୋଇ, ଯାତ୍ରୀ ଓ ସାଧାରଣ ଲୋକ ପିଇବାକୁ ଟୋପାଏ ପାଣି ପାଇପାରୁନାହାନ୍ତି। ତୁରନ୍ତ ସାନଖେମୁଣ୍ଡି ବ୍ଲକର ପଞ୍ଚାୟତ ପକ୍ଷରୁ ଜଳଛତ୍ର ଖୋଲିବା ପାଇଁ ସାଧାରଣରେ ଦାବି ହେଉଛି।

## ବାଇକ୍ ଉପରେ ମାଡ଼ିଗଲା ଟ୍ରଲର୍; ଜଣେ ମୃତ

**ଖଲ୍ଲିକୋଟ, ୫।୪(ସମିସ):** ୧୬ ନମ୍ବର ଜାତୀୟ ରାଜପଥର କେଶପୁର ଠାରେ ଗୁରୁବାର ରାତି ୮ଟାରେ ଘଟିଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଗୋଟିଏ ବାଇକ୍ ଉପରେ ଟ୍ରଲର ମାଡ଼ି ଯିବାରୁ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଆଉ ଜଣେ ଗୁରୁତର ହୋଇଛନ୍ତି। ଦୁର୍ଘଟଣା ପରେ ଟ୍ରଲର ଭିତରେ ପଶି ଯାଇଥିବା ବାଇକ୍‌ରେ ନିଆଁ ଲାଗି ସମ୍ପୂର୍ଣ୍ଣ ଜଳି ଯାଇଥିବା ବେଳେ ଟ୍ରଲରରେ ମଧ୍ୟ ନିଆଁ ଲାଗି ଯାଇଥିଲା। ତୁରନ୍ତ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିଲେ। ମୃତ ବ୍ୟକ୍ତି ଜଣକ ନିକଟସ୍ଥ ବିକ୍ରମପୁର ଗ୍ରାମର ସନ୍ତୋଷ ପରିଡ଼ା ବୋଲି ଜଣାପଡ଼ିଛି। ଗୁରୁତର ଆହତ ବ୍ୟକ୍ତି ହେଲେ ପୂର୍ବ ସିଂହଭୁମ ଜିଲ୍ଲା ମୁସାବନି ଝାଡଖଣ୍ଡର ମହମ୍ମଦ ହୁସେନ (୬୧)। ସନ୍ତୋଷ ପରିଡ଼ା ଓ ମହମ୍ମଦ ହୁସେନ ଗୋଟିଏ ବାଇକ୍ ନଂ(ଓଡି ୦୭ ଏସି-୫୮୪୫) ଯୋଗେ କେଶପୁର ଛକରୁ ଗୁରୁବାର ରାତି ୮ ଟାରେ ଖଲ୍ଲିକୋଟ ଅଭିମୁଖେ ଆସୁଥିବା ବେଳେ ଦମକଳ କେନ୍ଦ୍ର ସମ୍ମୁଖରେ ଭୁବନେଶ୍ୱରରୁ ବ୍ରହ୍ମପୁର ଆଡ଼କୁ ଆସୁଥିବା ଏକ ଟ୍ରଲର ନମ୍ବର ଓଡି ୩୩ ଏସ ୬୩୪୯ ବାଇକ୍ ଉପରେ ମାଡ଼ି ଯାଇଥିଲା। ସନ୍ତୋଷଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିବାବେଳେ ମହମ୍ମଦ ହୁସେନଙ୍କୁ ଗୁରୁତର ଅବସ୍ଥାରେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୁଲିସ ମୃତଦେହ ଓ ଦୁଇ ଗାଡ଼ି ଜବତ କରିବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

■ ୪୪ ଡିଗ୍ରୀ ଛୁଇଁଲା ତାପମାତ୍ରା

# ଜନଜୀବନ ଅସ୍ତବ୍ୟସ୍ତ



**ଧରାକୋଟ, ୫।୪(ସମିସ):** ଧରାକୋଟ ଅଞ୍ଚଳରେ ତାପମାତ୍ରା ଶୁକ୍ରବାର ୪୪ ଡିଗ୍ରୀ ଛୁଇଁଛି। ଫଳରେ ରାସ୍ତା ଘାଟ ସୁନସାନ ରହିବା ସହ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଶୁକ୍ରବାର ଦିନ ୧୧ଟା ପରେ ସୂର୍ଯ୍ୟଙ୍କ ପ୍ରକୋପ ବୃଦ୍ଧି ପାଇବା ଫଳରେ ଅସହ୍ୟ ଗୁଳୁଗୁଳି ଅନୁଭୁତ ହୋଇଥିଲା। ଫଳରେ ବ୍ଲକ, ତହସିଲ, ବ୍ୟାଙ୍କ ସମେତ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟକୁ ଆସୁଥିବା ଲୋକେ ସଅଳ ସଅଳ ଘରକୁ ଫେରିବା ପାଇଁ ଉଦ୍ୟମ କରିବା ବେଳେ ଘରୋଇ ବସ ଗୁଡ଼ିକ ଧରାକୋଟ ଭିତରକୁ ଆସୁନଥିବା ଯୋଗୁଁ ଲକ୍ଷ୍ମୀ ବସ ହିଁ ଲୋକଙ୍କ ଭରସା ପାଲଟିଥିଲା। ତାପମାତ୍ରା ହଠାତ ବୃଦ୍ଧି ଘଟିଥିବା ବେଳେ ଏ ପର୍ଯ୍ୟନ୍ତ କୌଣସି ପଞ୍ଚାୟତ ତରଫରୁ ଜଳଛତ୍ର ଖୋଲାଯାଇ ନଥିବା ଯୋଗୁଁ ଲୋକେ ପାଇବା ପାଣି ପାଇଁ ତହକ ବିକଳ ହେଉଥିବା ଦେଖିବାକୁ ମିଳିଥିଲା। ଏଣୁ ପ୍ରଶାସନ ତରଫରୁ ଅଂଶୁଘାତର ମୁକାବିଲା ପାଇଁ ଜଳଛତ୍ର ଖୋଲିବା ସହ ଜନ ସଚେତନତା କାର୍ଯ୍ୟକ୍ରମ କରିବାକୁ ଦାବି ହେଉଛି।

# ସ୍କାଉଟ୍ ଓ ଗାଇଡ୍ ଶାଖାର ଜଳସେବା




ବେଲଗୁଣ୍ଠା, ୫।୪(ସମିସ): ବେଲଗୁଣ୍ଠା ବ୍ଲକ କ୍ଷେତ୍ରିୟବରପୁର ସ୍ଥିତ ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସ୍କାଉଟ ଓ ଗାଇଡ଼ ଶାଖା ତରଫରୁ 'ଜଳ ସେବା ଶିବିର'କୁ ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ପଟ୍ଟନାୟକ ଶୁଭାରମ୍ଭ କରିଛନ୍ତି। ରୋଭର ଲିଡର ପି ଦୀପକ ରାଓଙ୍କ ତତ୍ତ୍ୱାବଧାନରେ ସମସ୍ତ ସ୍କାଉଟ ଓ ଗାଇଡ଼ ସ୍ୱେଚ୍ଛାସେବୀ ବାଟୋଇମାନଙ୍କୁ ଦହି ପଣା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର କର୍ମଚାରୀ କୁମୁଦ ଚନ୍ଦ୍ର ମହାପାତ୍ର, ରୁନିବାଳା ତ୍ରିପାଠୀ, ଦେବେଶ ଚନ୍ଦ୍ର ମହାପାତ୍ର, ସୁଶାନ୍ତ କୁମାର ଲେଙ୍କା, ଦୀପୁ ଭୂୟାଁ, ଗଙ୍ଗାଧର ରଣା, ତ୍ରିନାଥ ବେହେରା, ପ୍ରଦୀପ ଦିଗାଲ, ସୌମେନ୍ଦୁ ପଣ୍ଡା, ଗାଙ୍ଗୁଲି ପାଲଟାସିଂ, ଭାରତୀ ବିଶ୍ୱାଳ, ଜୟଶ୍ରୀ ସେଠୀ, ସ୍ୱରୂପା ରାଣୀ ବିଶ୍ୱାଳ, ରାମଚନ୍ଦ୍ର ନାୟକ, ସୀମାଞ୍ଚଳ ବିଶ୍ୱାଳ, ବୁଦ୍ଧିରାମ ବିଶ୍ୱାଳ, ରମେଶ ବିଷୋୟୀ, ବଳରାମ ଗୌଡ଼, ପଦ୍ମଚରଣ ନାୟକ, ସନ୍ତୋଷ ବିଷୋୟୀ ପ୍ରମୁଖ ସହଯୋଗ କରିଥିଲେ।

# ବଡ଼କୋଦଣ୍ଡା ହାଇସ୍କୁଲରେ ପ୍ରବେଶ ଉତ୍ସବ

**ଭଞ୍ଜନଗର, ୫।୪(ସମିସ):** ଭଞ୍ଜନଗର ନିକଟ ଜବାହର ନୋଡାଲ ଉଚ୍ଚ ବିଦ୍ୟାଳୟ, ବଡକୋଦଣ୍ଡା ଠାରେ ନବାଗତ ଷଷ୍ଠ, ଅଷ୍ଟମ ଓ ନବମ ଶ୍ରେଣୀ ଛାତ୍ରଛାତ୍ରୀ ମାନଙ୍କୁ ନେଇ ପ୍ରବେଶ ଉତ୍ସବ ପ୍ରଧାନ ଶିକ୍ଷକ ସନ୍ତୋଷ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷକ ମନୋରଞ୍ଜନ ପଣ୍ଡା, ଗଣେଶ ଚନ୍ଦ୍ର ପଣ୍ଡା, ସାଜନ ସ୍ୱାଇଁ, ରଶ୍ମିତା ସାହୁ, ଅନିମା ମିଶ୍ର, ପୁଷ୍ପାଞ୍ଜଳି ସ୍ୱାଇଁ, ରାଜଶ୍ରୀ ପଟ୍ଟନାୟକ, ଗୀତା କୁମାରୀ ମଳିକ, ରାଜଲକ୍ଷ୍ମୀ ସାହୁ, ନୀଳାଞ୍ଚଳ ପ୍ରଧାନ, ମୋହନ ସାହୁ, ଶରତ ଚନ୍ଦ୍ର ବେହେରା ଯୋଗଦେଇ ନବାଗତ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟର ନୀତି, ନିୟମ ଓ ଆଦର୍ଶ ଉପରେ ବକ୍ତବ୍ୟ ରଖିଥିଲେ। ପୁରାତନ ଛାତ୍ରଛାତ୍ରୀଙ୍କ ତରଫରୁ ନବାଗତ ଛାତ୍ରଛାତ୍ରୀଙ୍କୁ ଫୁଲ, ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ସାଜନ ସ୍ୱାଇଁ ବେଦପାଠ ସହ ମନ୍ତ୍ର ଉଚ୍ଚାରଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ରଶ୍ମିତା ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ବାଳକୃଷ୍ଣ ପାତ୍ର, ପୁଷ୍ପାଞ୍ଜଳି ନାୟକ ପ୍ରମୁଖ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ, ଅଭିଭାବକ ଯୋଗ ଦେଇଥିଲେ।







# ଦ ପ୍ଲାନେଟ ପବ୍ଲିକ ସ୍କୁଲର ପ୍ରତିଷ୍ଠା ଦିବସ

**ରମ୍ଭା, ୫।୪(ସମିସ):** ସ୍ଥାନୀୟ ଥାନା ଇଲାକା ପରିସର ଭୁକ୍ତ ଦ ପ୍ଲାନେଟ ପବ୍ଲିକ ସ୍କୁଲର ସପ୍ତମ ପ୍ରତିଷ୍ଠା ଦିବସ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଷ୍ଠାତା ବୃନ୍ଦାବନ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ ବୁନା ସୁର। ଶିକ୍ଷକ ଦାମୋଦର ପଣ୍ଡା, ଶିକ୍ଷକ ତଥା ରାଜ୍ୟର ବିଶିଷ୍ଟ ହାସ୍ୟ କଳାକାର ପ୍ରୀତି ରଞ୍ଜନ ପ୍ରଧାନ ପ୍ରମୁଖ ମଞ୍ଚାସିନ ହୋଇ ଉପସ୍ଥିତ ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଅଭିଭାଷଣ ସମୟରେ ଶ୍ରୀ ପ୍ରଧାନ ଖେଳର ନୈପୁଣ୍ୟ ପ୍ରଦର୍ଶନ କରି ଶିକ୍ଷା ଦେଇ ମାର୍ଗ ଦର୍ଶନ ଦେଇଥିଲେ। ଏଥି ସହିତ ପଞ୍ଚମ ଶ୍ରେଣୀର ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଶିକ୍ଷୟିତ୍ରୀ ଜୟନ୍ତୀ ବେହେରା, ସୁନିତା ସାହୁ, ସଙ୍ଗୀତା ଆଚାର୍ଯ୍ୟ, ତୃପ୍ତି ଭୂୟାଁ, ରଶ୍ମିତା ମହାରଣା, ମାମାଲି ମାଝୀ, ସୁନେଲି ସାହୁ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ତମାଖୁ ବିରୋଧୀ ସଚେତନତା




**ଛତ୍ରପୁର, ୫।୪(ସମିସ):** ଶୁକ୍ରବାର ଛତ୍ରପୁର ପ୍ରତିଭା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବ୍ରହ୍ମପୁର ସେଣ୍ଟ୍ରାଲ ରୋଟାରୀ କ୍ଲବ ଓ ଛତ୍ରପୁର ରୋଟାରୀ କ୍ଲବର ମିଳିତ ଆନୁକୂଲ୍ୟରେ ତମାଖୁ ବିରୋଧି ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ରୋଟାରି କ୍ଲବର ସଭାପତି ନିରଞ୍ଜନ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ଏମକେସିଜିର ଅବସରପ୍ରାପ୍ତ ପ୍ରଫେସର ତଥା ବରିଷ୍ଠ ଛାତି ବିଶେଷଜ୍ଞ ଡାକ୍ତର ନାରାୟଣ ମିଶ୍ର ଯୋଗଦେଇ ତମାଖୁ ସେବନ ଆମ ଶରୀର ଉପରେ କିପରି କୁପ୍ରଭାବ ପକାଉଛି ସେନେଇ ଉପସ୍ଥିତ ଛାତ୍ରଛାତ୍ରୀ ଓ ଜନ ସାଧାରଣଙ୍କୁ ଅବଗତ କରାଇବା ସହିତ ତମାଖୁ ବର୍ଜନ ନେଇ ସଚେତନ କରିଥିଲେ। ସେହିପରି ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟର ଅଧିକ୍ଷକ ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ଗୌଡ଼ ଓ ଦନ୍ତ ବିଶେଷଜ୍ଞ ଡାକ୍ତର ଅସିତ କୁମାର ପଟ୍ଟନାୟକ ଯୋଗ ଦେଇ ତମାଖୁ ସେବନ ଦ୍ୱାରା ହେଉଥିବା ରୋଗ ବିଷୟରେ ଅବଗତ କରାଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଛତ୍ରପୁର ରୋଟାରୀ କ୍ଲବର ସମ୍ପାଦକ ସୁଜିତ କୁମାର ପଟ୍ଟନାୟକ, ଚାର୍ଟର ସଭାପତି ପ୍ରଫୁଲ୍ଲ ପଟ୍ଟନାୟକ, ସୁରଜିତ ସାମନ୍ତରାୟ, ଦ୍ୱାରିକା ସାମନ୍ତରାୟ, ବିମଳ ପ୍ରସାଦ ସାହୁ, ପଦ୍ମଚରଣ ସାହୁ ଓ ଏସ୍. ରେଖା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

# ଭିନ୍ନକ୍ଷମ ପ୍ରେମୀ ଯୁଗଳଙ୍କ ବିବାହ

ସାନଖେମୁଣ୍ଡି, ୫।୪(ସମିସ)

● ବିବାହ ଦେଖିବା ପାଇଁ ଗ୍ରାମବାସୀଙ୍କ ଭିଡ଼



ବିବାହ ବନ୍ଧନରେ ବାନ୍ଧି ହେଲେ ଦୃଷ୍ଟି ହୀନ ପ୍ରେମୀ ଯୁଗଳ। ନାଁ ଥିଲା ବାଜା ନାଁ ଥିଲା ରୋଷଣି। ପୁରୋହିତଙ୍କ ମନ୍ତ୍ରରେ ବିବାହ ପରି ପବିତ୍ର ବନ୍ଧନରେ ବାନ୍ଧି ହୋଇଛନ୍ତି। ପ୍ରେମୀ ଯୁଗଳ ମାନେ ହେଲେ ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ମଣିଦେଇପେଣ୍ଠ ଗାଁର ମିନତୀ ଓ ଚନ୍ଦନ। ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ଛଣମେରି ପଞ୍ଚାୟତ ମଣିଦେଇପେଣ୍ଠ ଗାଁର ନିରଞ୍ଜନ ସାହୁଙ୍କ ଏକମାତ୍ର କନ୍ୟା ମିନତୀ ସାହୁ। ଜନ୍ମରୁ ଦୃଷ୍ଟିହୀନ ହୋଇଥିବା ବେଳେ ଆନ୍ଧ୍ରପ୍ରଦେଶର ଅନୁଷ୍ଠିତ ଭିନ୍ନକ୍ଷମ ଶିବିରରେ କଟକ ସାଲେପୁର ଅଞ୍ଚଳର ଚନ୍ଦନ ମଲ୍ଲିକଙ୍କ ସହ ଭେଟ ହୋଇଥିଲା। ଏହା ପରେ ଆରମ୍ଭ ହୋଇଥିଲା ଦୁହିଁଙ୍କ ମଧ୍ୟରେ ପ୍ରେମ। ଉଭୟ ଉଭୟଙ୍କୁ ବିବାହ କରିବା ପାଇଁ ପରିବାରକୁ ଜଣାଇଥିଲେ। ଉଭୟଙ୍କୁ ବିବାହ କରିବା ପାଇଁ ପରିବାର ଦେଇଥିଲେ ସ୍ୱୀକୃତି। ଦୃଷ୍ଟିହୀନ ଯୁବତୀ ଜଣଙ୍କ ସାଲେପୁର ଯୁବକଙ୍କୁ ଭଲପାଇବା ପରେ ମିନତୀଙ୍କ ପରିବାରରେ ରହିଥିଲେ। ଶୁକ୍ରବାର ଦୁହିଁଙ୍କର ଗାଁ ଅଲଗା କିନ୍ତୁ ଭିନ୍ନ ଏକ ପରିସ୍ଥିତିରେ ଉଭୟଙ୍କ ସାକ୍ଷାତ ପରେ ସେମାନେ ପରସ୍ପରକୁ ଭଲପାଇ ବସିଲେ ଓ ବିବାହ ବନ୍ଧନ ରେ ବାନ୍ଧିହେଲେ ଏବଂ ଗ୍ରାମବାସୀ ଭୋଜିଭାତର ଆୟୋଜନ କରିଥିଲେ। ଗାଁ ନୀଳକଣ୍ଠେଶ୍ୱର ପୀଠରେ ବିବାହ ଓ ଭୋଜି ଭାତର ଆୟୋଜନ କରାଯାଇଥିଲା। ବିବାହ ଦେଖିବା ପାଇଁ ମିନତୀଙ୍କ ପରିବାର ଓ ଗ୍ରାମବାସୀ ଉପସ୍ଥିତ ରହି ଆଶୀର୍ବାଦ ପ୍ରଦାନ କରିଥିଲେ।

# ଭାରୀଯାନ ଯିବାରୁ ଭାଙ୍ଗିଲା ନବନିର୍ମିତ ରାସ୍ତା



**ବ୍ରହ୍ମପୁର, ୫।୪(ସମିସ):** ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ୩୮ ଓ ୩୭ନଂ ୱାର୍ଡ଼ ମଧ୍ୟସ୍ଥ ଖଳା ସାହି ମୁଖ୍ୟ ରାସ୍ତା ଭାଙ୍ଗିଯାଇଛି। ମଧ୍ୟାହ୍ନରେ ଏକ ଭାରୀଯାନ ଉକ୍ତ ରାସ୍ତା ଦେଇ ଯିବାରୁ କଲଭର୍ଟ ଉପରେ ପଡ଼ିଥିବା ସିମେଣ୍ଟ ଉପୁଡ଼ି ପଡ଼ିଛି। ଏହା ପ୍ରାୟ ତିନିମାସ ହେବ ଏହା ନିର୍ମିତ ହୋଇଥିଲା। ଅତି ସ୍ୱଳ୍ପ ଦିନ ଭିତରେ ରାସ୍ତାର ଏଭଳି ଅବସ୍ଥା ଦେଖିବା ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ନିମ୍ନମାନର କାମ ଯୋଗୁଁ ରାସ୍ତା ଭାଙ୍ଗିଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ରାସ୍ତା ମଝିରେ ଥିବା ଏକ କଲଭର୍ଟ ଉପରେ ଅତ୍ୟାଧିକ ପରିମାଣରେ ସିମେଣ୍ଟ ପ୍ରଲେପ ଦିଆଯିବାରୁ ଏଭଳି ଅସୁଥିବା ହୋଇଥିବା ଜଣାଯାଇଛି। ଅନ୍ୟପକ୍ଷରେ ରାସ୍ତା ଭାଙ୍ଗିବା ପରେ କିଛି ସମୟ ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳ ଦେଇ ଯିବାକୁ ଲୋକେ ଭୟ କରିଥିଲେ। ତତପରେ ଭାଙ୍ଗିଥିବା ସିମେଣ୍ଟ ଉଠାଇ ଦିଆଯାଇଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ନିକଟରେ ଏକ ନାଳ ଥିବା ବେଳେ ଏହାକୁ ଖୋଲା ଛାଡ଼ି ଦିଆଯାଇଥିବା ଦେଖିବାକୁ ମିଳିଛି। ସୂଚନା ଯୋଗ୍ୟ ଯେ, କମାପଲ୍ଲୀ ଓଭରବ୍ରିଜ ଓ ଲାଞ୍ଜିପଲ୍ଲୀକୁ ସଂଯୋଗ କରୁଥିବା ଏହା ହେଉଛି ମୁଖ୍ୟ ରାସ୍ତା। ବର୍ଷା ହେଲେ ଏଠାରେ ନାନାଦି ସମସ୍ୟା ଉପୁଜୁଥିବା ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ପରେ ଏଠାରେ ନାଳ ଓ ନର୍ଦ୍ଦମା ନିର୍ମାଣ କରାଗଲା। କିନ୍ତୁ ସ୍ୱଳ୍ପ ଦିନ ଭିତରେ ରାସ୍ତା ଭାଙ୍ଗିଯିବା ଘଟଣାକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି। ଅନ୍ୟପକ୍ଷରେ ଏହି ଅଞ୍ଚଳରେ ଦୋକାନ ବଜାର ଆଦି ରହିଥିବାରୁ ଭଙ୍ଗା ରାସ୍ତା ତୁରନ୍ତ ନିର୍ମାଣ କରିବାକୁ ସାଧାରଣରେ ଦାବି ହୋଇଛି।

# ଅସହ୍ୟ ଖରାରେ ଆଉଟୁପାଉଟୁ ରେଶମ ନଗର

ବ୍ରହ୍ମପୁର, ୫।୪(ସମିସ)




**ଅସ୍ତବ୍ୟସ୍ତ ଜନଜୀବନ, ରାସ୍ତାଘାଟ ଖାଁ ଖାଁ**

ଅସହ୍ୟ ଖରାରେ ରେଶମ ନଗର ବ୍ରହ୍ମପୁର ଆଉଟୁପାଉଟୁ ହେଉଛି। ପ୍ରବଳ ଖରାରେ ସାମାଜିକ ଜନଜୀବନ ଅସ୍ତବ୍ୟସ୍ତ ହେଉଛି। ଦିନ ୧୦ରୁ ଘରୁ ବାହାରିବା ଅସମ୍ଭବ ହୋଇ ଯାଉଛି। ଏପଟେ ସହରର ବିଭିନ୍ନ ରାସ୍ତା ଘାଟ ଖାଁ ଖାଁ ଥିବା ଦେଖିବାକୁ ମିଳିଛି। ଗତ କିଛି ଦିନ ହେବ ବ୍ରହ୍ମପୁର ସହରରେ ଗ୍ରୀଷ୍ମ ପ୍ରବାହ ପ୍ରବଳ ମାତ୍ରାରେ ଜାରି ରହିଛି। ଏଥିଯୋଗୁଁ ସାଧାରଣ ଜନଜୀବନ ପ୍ରଭାବିତ ହେଉଛି। ଦିନ ତମାମ ଖରା, ଗୁଳୁଗୁଳି ସହିତ ରୌଦ୍ରତାପ ଦେଖିବାକୁ ମିଳିଛି। ଖରାର ଦାଉରେ ଲୋକେ ଛଟପଟ ହେଉଛନ୍ତି। ନିଜକୁ ଆସ୍ୱସ୍ଥି କରିବା ଲାଗି ବିଭିନ୍ନ ପନ୍ଥା ଆପଣାଉଛନ୍ତି। ଏଣେ ଶୁକ୍ରବାର ବ୍ରହ୍ମପୁର ସହରରେ ପାରଦ ୩୭ଡ଼ିଗ୍ରୀ ରହିଥିଲା। ଫଳରେ ସାଧାରଣ ଜନତା ସମେତ ରାସ୍ତାକଡ଼ ବ୍ୟବସାୟୀ ମଧ୍ୟ ନାନା ସମସ୍ୟାର ସମ୍ମୁଖିନ ହୋଇଥିଲେ। ଦିନ ୧୦ପରେ ଆଉ ରାସ୍ତାରେ ଯିବା ଆସିବା ସମ୍ଭବପର ହୋଇନଥିଲା। ସକାଳୁଆ ସ୍କୁଲ ହେତୁ ପିଲାମାନଙ୍କୁ ସ୍କୁଲରୁ ଆଣିବା ସମୟରେ ମଧ୍ୟ ଅଭିଭାବକ ଖରା ଦାଉରୁ ନିଜକୁ ମୁକୁଳାଇ ପାରିନଥିଲେ। ଅନ୍ୟପକ୍ଷରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନରେ ପାଣିର ବ୍ୟବସ୍ଥା କରାଯାଇଛି। ଜଳଛତ୍ର ଆଜି ଖୋଲିଥିବା ବେଳେ ଲସି ଓ ଜୁସ ଦୋକାନରେ ମଧ୍ୟ ଭିଡ଼ ପରଲକ୍ଷିତ ହୋଇଛି। ଅନ୍ୟପଟେ ବର୍ତ୍ତମାନ ଗଞ୍ଜାମ ପ୍ରସିଦ୍ଧ ଦଣ୍ଡନାଟ ଚାରିଆଡ଼େ ଚାଲିଥିବା ବେଳେ ଅତ୍ୟନ୍ତ ଖରାରେ ଦଣ୍ଡୁଆମାନେ ସେମାନଙ୍କ ବ୍ରତ ପାଳନ କରୁଥିବା ଲକ୍ଷ୍ୟ କରାଯାଇଛି। ଏପଟେ ପ୍ରଶାସନ ପକ୍ଷରୁ ଅଂଶୁଘାତ ସଚେତନ କରାଯାଇଛି। ଦିନବେଳା ଖରା ଓ ତାତି ବଢୁଥିବା ଯୋଗୁଁ ଏଥିପ୍ରତି ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଏହି ସମୟରେ କଣ ପଦକ୍ଷେପ ଆପଣାଇବା ଉଚିତ ସେ ସମ୍ପର୍କରେ ସଚେତନ କରାଯାଇଛି। ଖରାରେ ନ ବାହାରିବା ସହିତ ନିଆଁ ପାଖରେ ବେଶି ସମୟ ନ ରହିବାକୁ କୁହାଯାଇଛି। ଦିନ ୧୧ପରେ ଓ ୩ଟା ପୂର୍ବରୁ ଶାରିରୀକ ପରିଶ୍ରମ ନ କରିବା, ଯଥେଷ୍ଟ ପାଣି ପିଇବା ସହ କାକୁଡ଼ି, ତରଭୂଜ, ପଖାଳ ଆଦି ଖାଇବା, ମୁଣ୍ଡ ବୁଲାଇଲେ ଗୋଡ଼ ହାତ ଝୋଲା ମାରିଲେ ଅଥବା ଅତ୍ୟାଧିକ ଝାଳ ବୋହିଲେ ଶୀତଳ ଛାଇ ଯାଗାରେ ବିଶ୍ରାମ ନେବା ଓ ଓଆରଏସ ପିଇବାକୁ ପରାମର୍ଶ ଦିଆଯାଇଛି। ସେହିଭଳି ବାହାରକୁ ବାହାରିଲେ ଛତା, ଚପଲ, ଓଦା ଗାମୁଛା ଆଦି ବ୍ୟବହାର କରିବା ସହିତ ପାଣି ବୋତଲ ସାଙ୍ଗରେ ନେଇ ଯିବାକୁ ସଚେତନ କରାଯାଇଛି। ପ୍ରଶାସନ ନିୟମ ମାନି ସମସ୍ତେ ସତର୍କ ଓ ସଚେତନ ରହିବାକୁ କୁହାଯାଇଛି। ଅତ୍ୟନ୍ତ ଜରୁରୀ ନଥିଲେ ଘରୁ ନ ବାହାରି ନିଜ ନିଜ ସ୍ଥାନରେ ନିଜକୁ ସୁସ୍ଥ ରଖିବା ଦରକାର ବୋଲି କୁହାଯାଇଛି। ପ୍ରକାଶଯୋଗ୍ୟ ଯେ, କେବଳ ବ୍ରହ୍ମପୁର ନୁହେଁ ବରଂ ସମଗ୍ର ଗଞ୍ଜାମ ଜିଲ୍ଲାରେ ଖରାର ପ୍ରଭାବ ବୃଦ୍ଧି ପାଇଛି। ପ୍ରତିଦିନ ପାରଦ ବଢୁଛି। ଏଥିଯୋଗୁଁ ଦିନ ସାରା ଲୋକେ ଘରୁ ବାହରିବା ଅସମ୍ଭବ ହେଉଛି। ଖରାକୁ ଡ଼ରି ଦିନ ମଜୁରିଆ, ରିକ୍ସା ଚାଳକ ମଧ୍ୟ ବିଭିନ୍ନ ଗଛମୂଳର ଆଶ୍ରୟ ନେଉଥିବା ଦେଖିବାକୁ ମିଳିଛି।

## ଏମ୍‌କେସିଜି ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପାଇଁ ଜାରି ହେଲା କଟକଣା

# ରାତି ୧୦ଟା ପରେ ଏକାଡେମିକ୍ ଓ ପ୍ରଶାସନିକ କୋଠା ଅଞ୍ଚଳରେ ବୁଲିବା ମନା

ବ୍ରହ୍ମପୁର, ୫।୪(ସମିସ)




ଏମକେସିଜି ମେଡିକାଲ କଲେଜର କିଛି ଡାକ୍ତରୀ ଛାତ୍ରଛାତ୍ରୀ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ପ୍ରଶାସନିକ କୋଠା ସମେତ ଅନ୍ୟାନ୍ୟ ସ୍ଥାନରେ ବୁଲୁଥିବା ଦେଖିବାକୁ ମିଳିଛି। ଏହା ସହ କଲେଜର ବିଭିନ୍ନ ସ୍ଥାନରେ ସହପାଠୀଙ୍କ ଜନ୍ମଦିନ ପାଳନ ବେଳେ ସରକାରୀ ସମ୍ପତ୍ତି ଭଙ୍ଗାରୁଜା କରିଥିବା ଅଭିଯୋଗ ରହିଥିଲା। ଯାହାକୁ ନେଇ ଗତ ଗୁରୁବାର ଏମକେସିଜି ମେଡିକାଲ କଲେଜର ଡିନ ପ୍ରଫେସର ଡ଼ା. ସନ୍ତୋଷ କୁମାର ମିଶ୍ର ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ରାତି ୧୦ଟା ପରେ ଏମକେସିଜି କଲେଜର ଉଭୟ ପ୍ରଶାସନିକ ଓ ଏକାଡେମିକ ବ୍ଲକରେ ବୁଲିବା ଓ କଲେଜ ସମ୍ମୁଖରେ ଥିବା 'ଆଇ ଲଭ ଏମକେସିଜି' ସେଲ୍‌ଫି ପଏଣ୍ଟରେ ଜନ୍ମଦିନ ପାଳନ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆୟୋଜନକୁ ବାରଣ କରାଯାଇଛି। ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଜନ୍ମଦିନ ପାଳନ ପାଇଁ ଏଠାରେ ଏକାଠି ହେଉଥିବା ସହ ବିଭିନ୍ନ ଖାଦ୍ୟସାମଗ୍ରୀ ଓ ଆବର୍ଜନା ପଡ଼ି ସମ୍ପୃକ୍ତ ଅଞ୍ଚଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏହାସହ କିଛିଦିନ ପୂର୍ବେ 'ଆଇ ଲଭ୍ ଏମକେସିଜି' ସ୍ଥଳରେ ଥିବା ଲାଇଟ୍ ଓ ଗ୍ରାନାଇଟ୍ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଥିଲା। ଏଥି ସହିତ ବିଭିନ୍ନ ସମୟରେ ସରକାରୀ ସମ୍ପତ୍ତି ନଷ୍ଟ ହେଉଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ତେଣୁ ଏମକେସିଜି କ୍ୟାମ୍ପସରେ ଶାନ୍ତି ଓ ସଦ୍‌ଭାବନା ବଜାୟ ରଖିବା ପାଇଁ ରାତି ୧୦ଟା ପରେ ଉପରୋକ୍ତ ସ୍ଥାନଗୁଡିକରେ କୌଣସି କାର୍ଯ୍ୟକ୍ରମ ନକରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ପ୍ରଫେସର ମିଶ୍ର କହିଛନ୍ତି। ଅନ୍ୟପକ୍ଷରେ ଏହି ନିର୍ଦ୍ଦେଶନାମାକୁ ଉଭୟ ୟୁଜି ଛାତ୍ର ସଂଘ ଓ ପିଜି ଡାକ୍ତରୀଛାତ୍ର ସଂଘ ପକ୍ଷରୁ ସ୍ୱାଗତ ଜଣାଯାଇଛି। ବିଭିନ୍ନ ସମୟରେ ରୋଗୀଙ୍କ ସମ୍ପର୍କୀୟଙ୍କ ସମେତ ଡାକ୍ତରୀ ଛାତ୍ରଛାତ୍ରୀମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାହାରେ ବୁଲୁଥିବା ଦେଖିବାକୁ ମିଳୁଥିଲା। ଏନେଇ ବହୁ ବାର ଅଭିଯୋଗ ହୋଇଥିଲା। ଏମକେସିଜି ମେଡ଼ିକାଲ କଲେଜ ଡ଼ିନଙ୍କ ଏହି ନିର୍ଦ୍ଦେଶନାମା ପାଇଁ ଏଠାରେ ଅଧ୍ୟୟନ କରୁଥିବା ବିଦ୍ୟାର୍ଥୀ ସୁରକ୍ଷିତ ରହିବେ ବୋଲି ପିଜି ଛାତ୍ରସଂଘର ସଭାପତି ଡ଼ା. ସୁଭାଶିଷ ବେହେରା କହିଛନ୍ତି। ସେହିଭଳି କ୍ୟାମ୍ପସ୍‌ରେ ରାତି ସମୟରେ ବହୁ ଅଣଛାତ୍ର ପ୍ରବେଶ କରିବା ସହ ବିଭିନ୍ନ ପ୍ରକାର ନିଶାଦ୍ରବ୍ୟ ସେବନ କରୁଥିଲେ। ଯାହାଫଳରେ ଏମକେସିଜି ମେଡ଼ିକାଲ କଲେଜର ଡାକ୍ତର ଛାତ୍ରମାନଙ୍କୁ ଅଯଥାରେ ବଦନାମ ହେବାକୁ ପଡୁଥିଲା। ଡ଼ିନଙ୍କ ଏହି ନିୟମକୁ ଛାତ୍ରଛାତ୍ରୀଙ୍କ ନିମନ୍ତେ ଜରୁରୀ ଥିଲା ବୋଲି ଏମବିବିଏସ ଛାତ୍ରସଂଘର ସଭାପତି କୃଷ୍ଣ କୁମାର ମହାରଣା କହିଛନ୍ତି।

**ସେଲଫି ପଏଣ୍ଟରେ ପାଳନ ହୋଇପାରିବନି ସହପାଠୀଙ୍କ ଜନ୍ମଦିନ**

**ନିର୍ଦ୍ଦେଶନାମାକୁ ସ୍ୱାଗତ ଜଣାଇଲା ଉଭୟ ୟୁଜି ଓ ପିଜି ଛାତ୍ରସଂଘ**

# ସାଇକଲ୍‌ରେ 'ଅବଦୁଲ୍ ବସି'ଙ୍କ ଭାରତ ଭ୍ରମଣ

ବ୍ରହ୍ମପୁର, ୫।୪(ସମିସ)



ସହର ଭିନ୍ନଭିନ୍ନ ଲୋକଙ୍କର ଭିନ୍ନଭିନ୍ନ ସଉକ ରହିଥାଏ। ସେହିଭଳି ନିଆରା ସଉକ ରଖିଛନ୍ତି କେରଳର ୨୫ବର୍ଷିୟ ଯୁବକ ଅବଦୁଲ ବସି। ପେଶାରେ ସେ ଜଣେ ଆର୍କିଟେକ୍‌ଚର। ପାଠପଢ଼ା ଶେଷ ପରେ କଲେଜରେ କ୍ୟାମ୍ପସ ସିଲେକ୍ସନ ଜରିଆରେ ନିଯୁକ୍ତି ପାଇଥିଲେ ବସି। ତେବେ ତାଙ୍କୁ ଖୁସି ଦେଇ ପାରିନଥିଲା ତାଙ୍କ ଚାକିରୀ। ପିଲାଟି ଦିନରୁ ସ୍କୁଲ ଓ କଲେଜରେ ପାଠ ପଢ଼ିବା ସମୟରୁ ବିଭିନ୍ନ ନୂଆ ନୂଆ ସ୍ଥାନ ବୁଲିବାରେ ଆଗ୍ରହ ରଖୁଥିଲେ। ଯାହାକି ଆଜି ପର୍ଯ୍ୟନ୍ତ ବସିଙ୍କର ସଉକ ରହିଛି। ଉତ୍ତର କେରଳର କାଲିକଟ ସହର ନିବାସୀ ବସି ଚାକିରୀ ଛାଡି ଗତ ଡିସେମ୍ବର ୭ତାରିଖରୁ ସାଇକେଲରେ ଏକୁଟିଆ କେରଳରୁ ବାହାରିଛନ୍ତି ଭାରତ ଭ୍ରମଣ ଉଦ୍ଦେଶ୍ୟରେ। ଜଳବାୟୁ ପରିବର୍ତ୍ତନ ଭଳି ସାମ୍ପ୍ରତିକ ପ୍ରସଙ୍ଗକୁ ନେଇ ସେ ଭାରତ ଭ୍ରମଣରେ ବାହାରିଥିବା କହିଛନ୍ତି। ଇତି ମଧ୍ୟରେ ତାମିଲନାଡ୍ରୁ, ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟର ପ୍ରାୟ ୩ହଜାର କିଲୋମିଟର ଦୂରତା ଅତିକ୍ରମ କରି ଶୁକ୍ରବାର ଓଡ଼ିଶାରେ ପ୍ରବେଶ କରିଛନ୍ତି ସେ। ଯାତ୍ରା ସମୟରେ ଭୋରରୁ ଦିନ ୧୧ଟା ପର୍ଯ୍ୟନ୍ତ ଓ ପୁଣି ସନ୍ଧ୍ୟା ସମୟରେ କିଛି ବାଟ ଅତିକ୍ରମ କରୁଛନ୍ତି। ଜାତୀୟ ରାଜପଥ କଡରେ ଥିବା ପେଟ୍ରୋଲ ପମ୍ପ ଅଥବା ଢାବା ଯେଉଁଠି ଗହଳି ଲାଗି ରହିଥାଏ ସୁରକ୍ଷା ଦୃଷ୍ଟିରୁ ସେଠାରେ ଟେଣ୍ଟ ଲଗାଇ ରାତ୍ରିଯାପନ କରୁଛନ୍ତି। ଓଡ଼ିଶା ପରେ ପଶ୍ଚିମବଙ୍ଗ, ବିହାର, ଉତ୍ତର ପ୍ରଦେଶ, ଦିଲ୍ଲୀ ଓ କାଶ୍ମୀରରେ ପହଁଞ୍ଚିବାକୁ ପ୍ରାୟ ୧୪ହଜାର କିଲୋମିଟର ଦୂରତା ଅତିକ୍ରମ କରିବାର ଯୋଜନା ରହିଛି ତାଙ୍କର। ସବୁଠାରୁ ବଡକଥା ହେଲା ସାଇକେଲ ଯାତ୍ରା ଆସନ୍ତା ଡିସେମ୍ବର ସୁଦ୍ଧା ସରିବାକୁ ଥିବାବେଳେ ଏହି ବର୍ଷ ତମାମ ଯାତ୍ରା କାଳରେ ତାଙ୍କର ଖର୍ଚ୍ଚ ତୁଲାଇବାକୁ ସେ ଅନ୍ୟ ଉପରେ ନିର୍ଭର ନକରି କିମ୍ବା କାହାଠାରୁ ସାହାଯ୍ୟ ନନେଇ ବରଂ ପାର୍ଟ ଟାଇମ ଚାକିରୀ କରି ନିଜର ଖର୍ଚ୍ଚ ତୁଲାଉଛନ୍ତି। କେଉଁଠି ସ୍ୱିଗି ବା ଜମାଟୋ ବୟ ଭଳି କାମ କରି ଲୋକଙ୍କୁ ସାମଗ୍ରୀ ଯୋଗାଉଛନ୍ତି ତ ଆଉ କେଉଁଠି ରାପିଡୋ ବାଇକରେ କାମ କରି ଅର୍ଥ ରୋଜଗାର କରୁଥିବା କହିଛନ୍ତି। ବିଭିନ୍ନ ରାଜ୍ୟକୁ ଗସ୍ତ କରି ସେଠାକାର ଲୋକଙ୍କ ଚାଲିଚଳଣ ସମ୍ପର୍କରେ ଜାଣିବା ଓ ଜ୍ଞାନ ଆହରଣ କରିବା ସହିତ ବିଶ୍ୱ ପାଇଁ ଚିନ୍ତାର କାରଣ ସାଜିଥିବା ଜଳବାୟୁ ପରିବର୍ତ୍ତନର କାରଣ ଓ ନିରାକରଣ ସମ୍ପର୍କରେ ସେ ଗସ୍ତ ସମୟରେ ଲୋକଙ୍କୁ ବୁଝାଇବାକୁ ଚେଷ୍ଟା କରୁଛନ୍ତି। ଯାତ୍ରା ସମୟରେ ବିଭିନ୍ନ ସ୍ଥାନରେ ଅବଦୁଲ ବସିଙ୍କୁ ଲୋକେ ସ୍ୱାଗତ ସମ୍ବର୍ଦ୍ଧନା ଦେବା ସହିତ ସହଯୋଗର ହାତ ବଢ଼ାଉଥିବା ସେ ସ୍ୱୀକାର କରିଛନ୍ତି। ଅବଦୁଲ ବସି ସାଇକେଲରେ ଯାତ୍ରା କରୁଥିବା ବେଳେ ଜାତୀୟ ରାଜପଥ ପରିବର୍ତ୍ତେ ଗ୍ରାମାଞ୍ଚଳ ରାସ୍ତା ଦେଇ ଭ୍ରମଣ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। କାରଣ ଗ୍ରାମାଞ୍ଚଳ ଦେଇ ଯାତ୍ରା କଲେ ବହୁତ କିଛି ଦେଖିବାକୁ ମିଳିଥାଏ। ଏବଂ ଜାତୀୟ ରାଜପଥରେ ଯାତ୍ରା କଲେ ଲୋକଙ୍କ ସହିତ ମିଶିବା ଓ ଭାବର ଆଦାନ ପ୍ରଦାନ କରିବା ସମ୍ଭବପର ହୋଇନଥିବା ସେ କହିଛନ୍ତି।

**ଲକ୍ଷ୍ୟ ୧୪ ହଜାର କିମି ଦୂରତା ଅତିକ୍ରମ**

# ନୂତନ ଟ୍ରାନ୍ସଫର୍ମର ପ୍ରତିଷ୍ଠା କଲା ଟିପିଏସ୍‌ଓଡିଏଲ୍

**ବ୍ରହ୍ମପୁର, ୫।୪(ସମିସ):** ଗ୍ରୀଷ୍ମ ପ୍ରବାହରେ ବିଜୁଳି ଯୋଗାଣ ଟିପିଏସ୍‌ଓଡିଏଲ୍ (ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍) ପାଇଁ ଏକ ବଡ଼ ଆହ୍ୱାନ। ଏଣୁ କମ୍ପାନୀ ଏନେଇ ବ୍ୟାପକ ରକ୍ଷଣାବେକ୍ଷଣ କାର୍ଯ୍ୟ ଜାରି ରଖିଛି। ଏହାସହ ନୂତନ ବିଜୁଳି ଭିତ୍ତିଭୂମି ମଧ୍ୟ ପ୍ରତିଷ୍ଠା ହେଉଛି। ଏହାଦ୍ୱାରା ଭରସାଯୋଗ୍ୟ ବିଜୁଳି ସେବା ସୁନିଶ୍ଚିତ ହେଉଛି। ବ୍ରହ୍ମପୁର ଗୌତମନଗରଠାରେ ଟିପିଏସ୍‌ଓଡିଏଲ୍ ପକ୍ଷରୁ ଏକ ନୂତନ ୧୦୦ କେଭିଏ କ୍ଷମତା ବିଶିଷ୍ଟ ଡିଷ୍ଟ୍ରିବ୍ୟୁସନ୍ ଟ୍ରାନ୍ସଫର୍ମର ପ୍ରତିଷ୍ଠା ହୋଇଛି। ଏହି ଟ୍ରାନ୍ସଫର୍ମର ସମ୍ପୃକ୍ତ ଅଞ୍ଚଳରେ ବିଜୁଳି ଯୋଗାଣ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିଛି। ପୂର୍ବରୁ ଥିବା ଲୋ-ଭୋଲଟେଜ୍ ସମସ୍ୟା ଦୂର ହୋଇଛି। ଗୌତମନଗରରେ ନୂଆ ଟ୍ରାନ୍ସଫର୍ମର ପ୍ରତିଷ୍ଠା ହେବା ଫଳରେ ଶତାଧିକ ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଜୁଳି ସେବା ମିଳୁଛି। ଗ୍ରୀଷ୍ମପ୍ରବାହ ସମୟରେ ବିଜୁଳି ଚାହିଦା ବଢ଼ିଥିବା ହେତୁ ନୂତନ ବିଜୁଳି ଭିତ୍ତିଭୂମି ପ୍ରତିଷ୍ଠା କରି କମ୍ପାନୀ ଭୋଲଟେଜ୍ ଜନିତ ସମସ୍ୟାର ମୁକାବିଲା କରିବା ଦିଗରେ କାର୍ଯ୍ୟ କରୁଛି। ଭରସାଯୋଗ୍ୟ ବିଜୁଳି ସେବା ପାଇଁ ଟିପିଏସ୍‌ଓଡିଏଲ୍ ପ୍ରତିବଦ୍ଧ ଅଟେ।



# ଜିଲ୍ଲା ଜଜ୍‌ଙ୍କ ସହ ଓକିଲ ସଂଘ କର୍ମକର୍ତ୍ତାଙ୍କ ଆଲୋଚନା

ବ୍ରହ୍ମପୁର, ୫।୪(ସମିସ)



ଗଞ୍ଜାମ ଓକିଲ ସଂଘର ନବନିର୍ବାଚିତ କର୍ମକର୍ତ୍ତା ଶପଥ ଗ୍ରହଣ କରିବା ସହ ନିଜ ନିଜ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପରେ ସମସ୍ତ କର୍ମକର୍ତ୍ତା ସଭାପତି ନୟନ ଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ବ୍ରହ୍ମପୁର କୋର୍ଟର ସମସ୍ତ ବିଚାର ବିଭାଗୀୟ ଅଧିକାରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଜିଲ୍ଲାଜଜ୍ ରୁପଶ୍ରୀ ଚୌଧୁରୀଙ୍କ ସହ ସାକ୍ଷାତ ବେଳେ ପ୍ରସ୍ତାବିତ ଜୁଡିସିଆଲ କମ୍ପ୍ଲେକ୍ସକୁ ବ୍ରହ୍ମପୁର ସହର ବାହାରକୁ ଅନ୍ୟତ୍ର ସ୍ଥାନାନ୍ତର ନକରିବାକୁ ନିବେଦନ କରାଯାଇଥିଲା। ସେହିଭଳି ବର୍ତ୍ତମାନ ବ୍ରହ୍ମପୁର ସହର ମଧ୍ୟରେ ଚାଲିଥିବା କୋର୍ଟ ହତା ମଧ୍ୟରେ ନୂତନ କୋଠା ନିର୍ମାଣ କରି ପ୍ରସ୍ତାବିତ ଜୁଡିସିଆଲ କମ୍ପ୍ଲେକ୍ସ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବାକୁ ସଂଘର କର୍ମକର୍ତ୍ତାମାନେ ପ୍ରସ୍ତାବ ଦେବା ସହ ଜିଲ୍ଲାଜଜ୍‌ଙ୍କୁ ଅନୁରୋଧ କରିଥିବା ଗଞ୍ଜାମ ଓକିଲ ସଂଘର ସଭାପତି ନୟନ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ନୂତନ ଜୁଡିସିଆଲ କମ୍ପ୍ଲେକ୍ସ ନିର୍ମାଣ କରାଗଲେ ବର୍ତ୍ତମାନର କୋର୍ଟ କ୍ୟାମ୍ପସରେ ବହୁ ପୁରାତନ କୋଠାକୁ ଉଚ୍ଛେଦ କରିବାକୁ ହେବ। ହେଲେ ବ୍ରହ୍ମପୁରରେ ଉଭୟ ଓକିଲ ଓ ମହକିଲଙ୍କ ସମେତ କୋର୍ଟ କର୍ମଚାରୀ ଯାହାକୁ ନେଇ ଆଇନଜୀବୀଙ୍କ ମଧ୍ୟରେ ଦ୍ୱିମତ ରହିଥିଲା। ଶେଷରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ପ୍ରସ୍ତାବିତ ଜୁଡିସିଆଲ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟକୁ ପୁରୁଣା କୋର୍ଟ କ୍ୟାମ୍ପସରୁ ବନ୍ଦ କରାଯାଇ ବ୍ରହ୍ମପୁର ସହର ବାହାରେ ୨୦କିଲୋମିଟର ଦୂରରେ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ଏହା ଓ ବିଚାର ବିଭାଗୀୟ ଅଧିକାରୀମାନଙ୍କୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ଏଭଳି ଆଶଙ୍କା କରି ସଂଘର ନୂତନ କର୍ମକର୍ତ୍ତା ଜିଲ୍ଲାଜଜ୍‌ଙ୍କ ନିକଟରେ ସେମାନଙ୍କର ପ୍ରସ୍ତାବ ରଖିଥିବା ଜଣାପଡ଼ିଛି। ଏହି ଅବସରରେ ଗଞ୍ଜାମ ଓକିଲ ସଂଘର ନବ ନିର୍ବାଚିତ କର୍ମକର୍ତ୍ତାମାନେ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଡଃ ଅରୁଣ କୁମାର ସାହୁ ଓ ରେଜିଷ୍ଟ୍ରାର ଡକ୍ଟର ପ୍ରଦୀପ ପ୍ରଧାନଙ୍କୁ ମଧ୍ୟ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏଥିରେ ସଂଘର ସଭାପତିଙ୍କ ସହିତ ଉପ ସଭାପତି ରାମ ପ୍ରସାଦ ପଣ୍ଡା, ସମ୍ପାଦକ ବିରଞ୍ଚି ମହାପାତ୍ର, ସହ ସମ୍ପାଦକ ଗିରିଜା ଶଙ୍କର ବେହେରା ଓ ସମସ୍ତ କାର୍ଯ୍ୟକାରୀ କମିଟି ସଦସ୍ୟ ସାମିଲ ହୋଇଥିଲେ। ଖୁବ୍‌ଶୀଘ୍ର ସଂଘର ସାଧାରଣ ପରିଷଦ ବୈଠକ ଡକାଯାଇ ସେଥିରେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରାଯିବ ବୋଲି ସଭାପତି ନୟନ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି।

**ଜୁଡିସିଆଲ୍ କମ୍ପ୍ଲେକ୍ସ ଅନ୍ୟତ୍ର ସ୍ଥାନାନ୍ତର ନ କରିବାକୁ ନିବେଦନ**

**ନୂତନ କୋଠା ନିର୍ମାଣ କରିବାକୁ ସଂଘର ପ୍ରସ୍ତାବ**

# ଏମ୍‌କେସିଜିରେ ଉଦ୍‌ଘାଟନ ହେଲା ସ୍ତନ୍ୟପାନ ପରିଚାଳନା କେନ୍ଦ୍ର



**ବ୍ରହ୍ମପୁର, ୫।୪(ସମିସ):** ଏମକେସିଜି ମେଡିକାଲ ପକ୍ଷରୁ ସ୍ତନ୍ୟପାନ ପରିଚାଳନା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ମେଡିକାଲ କଲେଜର ଡିନ୍ ପ୍ରଫେସର ଡା. ସନ୍ତୋଷ କୁମାର ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ମେଡିକାଲର ଶିଶୁ ବିଭାଗ କୋଠାର ତଳ ମହଲାରେ ଏହି କେନ୍ଦ୍ର ରହିଛି। ବିଭନ୍ନ ସମୟରେ ନିର୍ଦ୍ଧାରିତ ସମୟ ପୂର୍ବରୁ ଜନ୍ମ ନେଇଥିବା ଶିଶୁଟି ଅସୁସ୍ଥ ହୋଇପଡ଼ିଥାଏ। ଏଭଳି କ୍ଷେତ୍ରରେ ନବଜାତ ଅସୁସ୍ଥ ଶିଶୁଟି ସିଧାସଳଖ ସ୍ତନ୍ୟପାନ କରିବାରେ ସକ୍ଷମ ହୋଇ ନଥାଏ। ଏହାକୁ ଦୃଷ୍ଟିରେ ରଖି ଏମକେସିଜି ମେଡିକାଲ ପକ୍ଷରୁ ସ୍ତନ୍ୟପାନ ପରିଚାଳନା କେନ୍ଦ୍ରର ଶୁଭାରମ୍ଭ କରାଯାଇଛି। ବ୍ରେଷ୍ଟ ପମ୍ପ ଜରିଆରେ ମାଙ୍କ ଠାରୁ କ୍ଷୀର ବାହାର କରି ଅସୁସ୍ଥ ଛୁଆକୁ ଦିଆଯାଇଥାଏ। ମାଆଟି କିଭଳି ଭାବେ ଏହି ବ୍ରେଷ୍ଟ ପମ୍ପକୁ ବ୍ୟବହାର କରିପାରିବ ଏନେଇ ଏହି କେନ୍ଦ୍ରରେ ପ୍ରଶିକ୍ଷଣ ଦେବା ସହ ସଚେତନତା କରାଯିବ ବୋଲି ଏମକେସିଜି ମେଡିକାଲର ଅଧୀକ୍ଷକ ପ୍ରଫେସର ଡା. ସୁଚିତ୍ରା ଦାଶ କହିଛନ୍ତି। ପୂର୍ବରୁ କଟକ ଏସ୍‌ସିବି ମେଡିକାଲ ଓ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଏଭଳି ସେବା ଥିବା ବେଳେ ଏବେ ଏମକେସିଜି ମେଡିକାଲରେ ମଧ୍ୟ ଆରମ୍ଭ ହୋଇଥିବା ଡା. ଦାଶ କହିଛନ୍ତି। ଉଦ୍‌ଘାଟନ ସମୟରେ ଏମ୍‌କେସିଜି ମେଡିକାଲ କଲେଜର ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡା, ଶିଶୁ ବିଭାଗର ମୁଖ୍ୟ ଡା. ନରେନ୍ଦ୍ର ବେହେରା, ବରିଷ୍ଠ ନର୍ସିଂ ଅଫିସର ରୂପକାନ୍ତି ଦେଇଙ୍କ ସମତେ ଶିଶୁ ବିଭାଗର ଡାକ୍ତର ଏବଂ ସମସ୍ତ ହସ୍‌ପିଟାଲ ମ୍ୟାନେଜର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ରାୟଗଡ଼ରେ ମା' କମଳାଦେବୀଙ୍କ ଯାତ୍ରା ଆରମ୍ଭ

# ଅସ୍ଥାୟୀ ମଣ୍ଡପକୁ ବିଜେ କଲେ ମା' ସାଆନ୍ତାଣୀ

ରାୟଗଡ଼,୫ ।୪(ସମିସ)



ରାୟଗଡ଼ରେ ମା କମଳା ଦେବୀଙ୍କ ଯାତ୍ରା ଆରମ୍ଭ ହୋଇଛି । ଏଥିପାଇଁ ଚଳଚଞ୍ଚଳ ହୋଇ ଉଠିଛି ରାୟଗଡ଼ ସହର । ରାୟଗଡ ଗୌଡ଼ ସାହି ପକ୍ଷରୁ ଉକ୍ତ ଯାତ୍ରା ଆୟୋଜିତ ହେଉଛି। ଶୁକ୍ରବାର ଠାରୁ ଯାତ୍ରା ଆରମ୍ଭ ହୋଇଥିବା ବେଳେ ଏହା ପାଞ୍ଚ ଦିନ ଧରି ଚାଲିବ । ଏ ସମୟରେ ମାଙ୍କୁ ସମସ୍ତ ରୀତିନୀତି ଏବଂ ପରମ୍ପରା ଅନୁଯାଇ ପୂଜାର୍ଚ୍ଚନା କରାଯିବ । ଏ ଅବସରରେ ଲୋକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ବୋଲି ଯାତ୍ରା କମିଟି ପକ୍ଷରୁ କୁହାଯାଇଛି । ଯାତ୍ରାର ରୀତି ଅନୁସାରେ ଦେବଚନ୍ଦ୍ର ବେହେରାଙ୍କ ହାଣ୍ଡିଶାଳରୁ ପାଟ ହାଣ୍ଡି ମନ୍ଦିରକୁ ଅଣାଯାଇଥିଲା । ଏହାପରେ ପିଣ୍ଟୁ ପାଇକଙ୍କ ଘର ରୁ ମା' ପୂଜାର୍ଚ୍ଚନା କରାଯିବା ପରେ ମା କୀଳାମୁଣ୍ଡାଙ୍କୁ ସ୍ଥାୟୀ ମନ୍ଦିରକୁ ଅଣାଯାଇ ପୂଜାର୍ଚ୍ଚନା କରାଯାଇଥିଲା । ଯାତ୍ରା ପାଇଁ ମାଙ୍କ ମୁଣ୍ଡରୁ ଫୁଲ ଖସି ଚାଙ୍ଗୁଡିରେ ପଡ଼ିବା ବିଧି ରହିଥିବାରୁ ଅନେକ ସମୟ ଯାଏଁ ଶ୍ରଦ୍ଧାଳୁ ଏହାକୁ ଅପେକ୍ଷା କରି ରହିଥିଲେ । ଆଜ୍ଞାମାଳ ପାଇବା ପରେ ଏକ ବିରାଟ ପଟୁଆରରେ ମା'ଙ୍କୁ ଅଣାଯାଇ ଅସ୍ଥାୟୀ ପୀଠରେ ପୂଜା କରାଯାଇଥିଲା। ଏହା ସହିତ ଲିହୁରୁଣୀ ଠାକୁରାଣୀ ମା'ଙ୍କୁ ଅଣାଯାଇଥିଲା। ଏ ସମୟରେ ପ୍ରତ୍ୟେକ ମହିଳା ମାଙ୍କୁ ବନ୍ଦାପନା କରି ସ୍ୱାଗତ କରିଥିଲେ । ଏହାପରେ ସନ୍ଧ୍ୟାରେ ନିଜ ବାପ ଘରେ ପହଞ୍ଚିଥିଲେ। ସେଠାରେ ଭୋଗ ଲାଗି ହେବାପରେ ଘଟ ପରିକ୍ରମା କରାଯାଇଥିଲା । ରାତି ତମାମ ମା'ଙ୍କ ଘଟ ମଝିସାହି, ଓଡ଼ିଆ ସାହି, ବଢ଼େଇ ସାହି, ବିଶୋୟୀ ସାହି, ହେଣ୍ଡିଆ ସାହି, ଆଦର୍ଶ ନଗର ଓ କୁମ୍ଭାର ସାହି ଆଦି ପରିକ୍ରମା କରିଥିଲା। ମଧରାତ୍ରରେ ଏହି କାର୍ଯ୍ୟକ୍ରମ ଶେଷ ହେବା ପରେ ଅସ୍ଥାୟୀ ପୀଠକୁ ମା'ଙ୍କୁ ଅଣାଯାଇଥିଲା । ଯାତ୍ରାକୁ ଶାନ୍ତି ଶୃଙ୍ଖଳା ସହ ସମାପନ କରିବାକୁ ଗାଁର ସମସ୍ତେ ସହଯୋଗ କରୁଥିବା ଯାତ୍ରା ପରିଚାଳନା କମିଟି ପକ୍ଷରୁ କୁହାଯାଇଛି। ପରିଚାଳନା କମିଟିର ସଦସ୍ୟ ଏବଂ ଯୁବଗୋଷ୍ଠୀ ସହଯୋଗ ଜଣାପଡିଛି।

## ୪୨୦ କେଜି ଗଞ୍ଜେଇ ଜବତ



**ବାଲିଗୁଡା,୫।୪(ସମିସ):** କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନା ଅନ୍ତର୍ଗତ ବାଦେକେତା ଜଙ୍ଗଲରୁ ୪୨୦ କେଜି ଗଞ୍ଜେଇ ଜବତ ହୋଇଛି। ସୂଚନା ଅନୁସାରେ ବାଦେକେତା ଜଙ୍ଗଲ ଅଞ୍ଚଳରୁ ବାହାରକୁ ଗଞ୍ଜେଇ ଚୋରା ଚାଲାଣ ଖବର ବାଲିଗୁଡା ଏସଡିପିଓ ରାହୁଲ୍ ଗୋଏଲ୍ ପାଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଘଟଣା ସ୍ଥଳରେ ଚଢ଼ଉ କରିଥିଲେ। ଘଟଣା ସ୍ଥଳରୁ ୪୨୦ କେଜି ଗଞ୍ଜାଇ ଜବତ କରିଥିବା ବେଳେ ପୁଲିସ ଙ୍କୁ ଦେଖି ୩ ଜଣ ଚାଲାଣକାରୀ ଚମ୍ପଟ ମାରିଥିଲେ। ଏହି ଟିମ୍ ଏସଆଇ ସଞ୍ଜୟ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଚଢ଼ଉ କରିଥିବା ବେଳେ ବାଲିଗୁଡା ଆଡିସନାଲ ତହସିଲଦାର ଜିତେନ୍ଦ୍ର କୁମାର ନାୟକ ଉପସ୍ଥିତ ଥିଲେ। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କାର ଅଧିକ ହେବ ବୋଲି ଆକଳନ କରାଯାଇଛି । ଏନେଇ ବାଲିଗୁଡ଼ା ଥାନାରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ବାଲିଗୁଡ଼ା ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

## ଦଳୀୟ ପ୍ରାର୍ଥୀ ଚୟନକୁ ନେଇ ଅସନ୍ତୋଷ ଜାହିର କଲା କୁଇ ସମାଜ



**ଫୁଲବାଣୀ,୫।୪(ସମିସ):** ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଘୋଷିତ ହୋଇଥିବା ଦଳୀୟ ପ୍ରାର୍ଥୀଙ୍କୁ ନେଇ ଅସନ୍ତୋଷ ପ୍ରକାଶ କରିଛି କୁଇ ସମାଜ। କନ୍ଧମାଳର ତିନୋଟି ଯାକ ଆସନ ଆଦିବାସୀଙ୍କ ପାଇଁ ସଂରକ୍ଷିତ ହୋଇଥିବା ବେଳେ ରାଜନୈତିକ ଦଳ ପ୍ରାର୍ଥୀଙ୍କ ସମ୍ପର୍କରେ ସଠିକ ଯାଞ୍ଚ ନ କରି ସେମାନଙ୍କୁ ଦଳୀୟ ଟିକଟ ପ୍ରଦାନ କରୁଥିବା ଅଭିଯୋଗ କରାଯାଇଛି। କୁଇ ସମାଜର ଅଭିଯୋଗ ଅନୁସାରେ ବାଲିଗୁଡାରୁ କଂଗ୍ରେସ ପ୍ରାର୍ଥୀ ହୋଇଥିବା ସୁରଦା ପ୍ରଧାନ ଆଦିବାସୀ ନୁହନ୍ତି। ତାଙ୍କ ବିରୋଧରେ ଜାଲ ଜାତିଗତ ପ୍ରମାଣପତ୍ର ସଂକ୍ରାନ୍ତ ଏକ ମାମଲା ୨୦୨୩ ମସିହାରୁ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ନିକଟରେ ବିଚାରାଧୀନ ଥିବା କହିଛି କୁଇ ସମାଜ। ସେହିଭଳି ବାଲିଗୁଡା ଓ ଫୁଲବାଣୀର ବିଜେପି ପ୍ରାର୍ଥୀ ମଧ ଅଣ ଆଦିବାସୀ ମାନଙ୍କୁ ବିବାହ କରିଥିବାରୁ ସେମାନଙ୍କୁ ଆଦିବାସୀ ପ୍ରଥା ଅନୁଯାୟୀ ସମାଜରେ ଗ୍ରହଣ କରାଯାଉନାହିଁ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି କୁଇ ସମାଜ କର୍ମକର୍ତ୍ତା। ତେଣୁ ରାଜନୈତିକ ଦଳ ଏଥିପ୍ରତି ଦୃଷ୍ଟି ଦେଇ ପ୍ରାର୍ଥୀ ପରିବର୍ତ୍ତନ କରି ପ୍ରକୃତ ଆଦିବାସୀ ମାନଙ୍କୁ ଦଳୀୟ ଟିକଟ ପ୍ରଦାନ କରିବା ପାଇଁ ଦାବି କରାଯାଇଛି। କୁଇ ସମାଜ ସମ୍ପାଦକ ଅବନୀ କହଁରଙ୍କ ନେତୃତ୍ୱରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଫିରିଙ୍ଗିଆ ଶାଖା ସଭାପତି ମୁକୁଇ କହଁର, ବାଲିଗୁଡା ଶାଖା ସଭାପତି ମନୋଜ ମଲ୍ଲିକ, କୋଷାଧ୍ୟକ୍ଷ ଭାବୀନ୍ଦ୍ର କହଁର, ନାରୀ ନେତ୍ରୀ ଗୀତାଞ୍ଜଳୀ କହଁର, କୁସୁମୀ ପ୍ରଧାନ, ଓ ସରିତା କହଁର ପ୍ରମୁଖ ଉପସ୍ଥିତ ଥିଲେ।

## ରାଇକିଆରେ ୧୩ଦଣ୍ଡ ମହାମିଳନ ଉଦ୍‌ଯାପିତ



**ରାଇକିଆ,୫।୪(ସମିସ):** କନ୍ଧମାଳ ଜିଲ୍ଲା ରାଇକିଆ ପଞ୍ଚଦଣ୍ଡ ପରିଚାଳନା କମଟି ଆନୁକୁଲ୍ୟରେ ଶୁକ୍ରବାର ତେରଦଣ୍ଡ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିମନ୍ତ୍ରଣ କରାଯାଇଥିବା ତେର ଦଣ୍ଡ ନୃତ୍ୟ ଦଳ ମାଲେରିମହା, ଖଲି ବେରେଣା, ସିର୍କାକୁଟି, ବୁର୍ବିନାଜୁ, ତେଜାମହା, ବନେ ଗାଁ, ରାଇକିଆ, ଗୁଟିଙ୍ଗିଆ, ସିଶିବାଲି, ଗୁଡରି ଗାଁ, ସଲାଗୁଡ଼ା, କରଣ୍ଡାଗଡ ଓ ଗ୍ରୀନବାଡି ଏଥିରେ ଭାଗ ନେଇଥିଲେ । ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ପ୍ରଥମେ ସମସ୍ତ ଦଣ୍ଡ ଦଳଙ୍କୁ ବରଣ କରାଯାଇଥିଲା। ଅପରାହ୍ନରେ ଧୂଳି ଦଣ୍ଡ, ନଈ କୂଳ ରେ ପାଣି ଦଣ୍ଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଦୁର୍ଗା ମଣ୍ଡପରେ ତେର ଦଣ୍ଡ ମହାମିଳନ ଅନୁଷ୍ଠିତ ହୋଇଥିଲା। ଜନ ସମାଗମକୁ ଦୃଷ୍ଟିରେ ରଖି ପୁଲିସ ତରଫରୁ ପାଟ୍ରୋଲିଂ କଡାକଡି କରାଯିବା ସହ ଟ୍ରାଫିକ ନିୟନ୍ତ୍ରଣ କରାଯାଇଥିଲା। ଆୟୋଜନ କମିଟି ସଭାପତି ସନ୍ତୋଷ ଲେଙ୍କା, ଉପସଭାପତି ବିଭୁଦତ୍ତ ବେହେରା, ସନ୍ତୋଷ କୁମାର ପଣ୍ଡା, ଦୂତିକୃଷ୍ଣ ପଣ୍ଡା, ଶ୍ରୀନିବାସ ଆଚାରୀ, ଅରବିନ୍ଦ ଲେଙ୍କା, ସମ୍ପାଦକ ମନମୋହନ ପଟ୍ଟନାୟକ, ସହସମ୍ପାଦକ କୃଷ୍ଣଚନ୍ଦ୍ର ମହାନ୍ତି, ସୁଶାନ୍ତ କୁମାର ପଣ୍ଡା, କେଶବ ଆଚାରୀ , କୋଷାଧ୍ୟକ୍ଷ ସୁରେନ୍ଦ୍ର ପଣ୍ଡା, ଚିଣ୍ଟୁ ପାଣିଗ୍ରାହୀଙ୍କ ସମେତ ଉପଦେଷ୍ଟା ଦୁର୍ଯ୍ୟଧନ ଲେଙ୍କା, କ୍ଷେତ୍ରବାସୀ ପାତ୍ର, ସତ୍ୟବାନ ପାତ୍ର, ସୁଶିଲ ତ୍ରିପାଠୀ , ରାଜମୋହନ ଦିଗାଲ ,ସୁଦର୍ଶନ ବେହେରା, ପଦ୍ମଚରଣ ପଣ୍ଡା, ନାରାୟଣ ପାତ୍ର, ଅଭିମନ୍ୟୁ ପଣ୍ଡା, ନାରାୟଣ ମହାନ୍ତି ଓ ବରିଷ୍ଠ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

## ତୁରନ୍ତ ରାସ୍ତା ମରାମତି କରିବାକୁ ଦାବି

**ପାରଳାଖେମୁଣ୍ଡି,୫ ।୪(ସମିସ):** ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ନାମନଗଡ ଠାରୁ ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ମୁଖ୍ୟରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି । ଦୀର୍ଘ ବର୍ଷ ହେଲା ରାସ୍ତା ଅବସ୍ଥା ଶୋଚନୀୟ ହୋଇଥିଲେ ହେଁ ବିଭାଗୀୟ ଅବହେଳା ଅଭାବରୁ ଶୋଚନୀୟ ହୋଇପଡିଛି । ଦୈନନ୍ଦିନ ଯାତାୟାତ କରୁଥିବା ପଥଚାରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏନେଇ ବିଭିନ୍ନ ସ୍ତରରେ ଅଭିଯୋଗ କରି ସମସ୍ୟାର ସମାଧାନ ଲାଗି ଗୁହାରି କଲେ ମଧ କୌଣସି ସୁଫଳ ମିଳିପାରୁ ନ ଥିବା ପ୍ରକାଶ କରିଛନ୍ତି ଅଞ୍ଚଳବାସୀ । ପୂର୍ବତନ ନାମନଗଡ ସରପଞ୍ଚ କ୍ଷେତ୍ରୀବର ବିଷୋୟୀଙ୍କ ନେତୃତ୍ୱରେ ଆସିଥିବା ଅଞ୍ଚଳବାସୀ ଜଣାଇଛନ୍ତି ଯେ, ଖାଲଖମା ଯୋଗୁଁ ରାସ୍ତାରେ ଯିବାଆସିବା ଯୋଗୁଁ ଦୈନନ୍ଦିନ ଯାତାୟତ କରୁଥିବା ଗୁମ୍ମା ବ୍ଲକର ନାମନଗଡ, ଅଜୟଗଡ ଭଳି ପାଞ୍ଚ ପଞ୍ଚାୟତ ବାସୀ କଷ୍ଟକର ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲା ମୁଖ୍ୟାଳୟକୁ ଯିବାକୁ ଏହା ଏକ ମାତ୍ର ରାସ୍ତା । ଜୀବନ ଜୀବିକା ଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟାଳୟ ଆଦିକୁ ଯାତାୟତ ପାଇଁ ଏହି ରାସ୍ତା ଉପରେ ନିର୍ଭର । ଦୀର୍ଘ ବର୍ଷ ହେଲା ନାମନଗଡ-ପାରଳାଖେମୁଣ୍ଡି ରାସ୍ତାରେ ଖାଲଖମା ହେବା ସହ ଆବଶ୍ୟକ ରକ୍ଷଣାବେକ୍ଷଣ କରିବା ସମ୍ଭବପର ହେଉନାହିଁ। ତୁରନ୍ତ ରାସ୍ତା ମରାମତି କରାଯାଇ ସମସ୍ୟାର ସମାଧାନ କରିବାକୁ ଦାବି କରାଯାଇଛି। ଏଥିରେ ଅବହେଳା ହେଲେ ଆସନ୍ତା ମାସରେ ହେବାକୁ ଥିବା ନିର୍ବାଚନକୁ ବର୍ଜନ କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି । ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଡେପୁଟି କଲେକ୍ଟର ପ୍ରାଣକୃଷ୍ଣ ପାଣିଗ୍ରାହୀଙ୍କୁ ସମସ୍ୟା ସମ୍ପର୍କିତ ଏକ ସ୍ମାରକପତ୍ର ପ୍ରଦାନ କରିଥିବା ଜଣାଯାଇଛି।



## ଅସ୍ଥାୟୀ ବିଦ୍ୟୁତ୍ କର୍ମଚାରୀଙ୍କ ମୃତ୍ୟୁ

**ମୋହନା,୫।୪(ସମିସ):** ଗଜପତି ଜିଲ୍ଲା ମୋହନା ଥାନା ଅନ୍ତର୍ଗତ କିରାମା ଗ୍ରାମ ନିକଟରେ ଜଣେ ଅସ୍ଥାୟୀ ବିଦ୍ୟୁତ କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ଆନନ୍ଦପୁର ଗ୍ରାମର ଗଣେଶ ଚନ୍ଦ୍ର ମଳିକ ।



### ବିଦ୍ୟୁତ୍ ଆଘାତ ସନ୍ଦେହ

ବିଦ୍ୟୁତ ବିଭାଗର ସୂଚନା ପ୍ରକାରେ ଭାଲିଆସାହି ଅଞ୍ଚଳରେ ବିଦ୍ୟୁତ ସଂଯୋଗ ବ୍ୟାହତ ଥିବା ଯୋଗୁଁ ମରାମତି ପାଇଁ ମୋହନା ବିଦ୍ୟୁତ ବିଭାଗର ଏକ ଟିମ୍ ଅପରାହ୍ନ ୩ ଟାରେ ଏକ ବୋଲେରୋରେ ଭାଲିଆସାହି ଯାଉଥିଲେ। ସେହି ସମୟରେ ଅସ୍ଥାୟୀ କର୍ମଚାରୀ ଗଣେଶ କିରମା ନିକଟରେ ଗାଡି ରଖିବା ପାଇଁ କହିବା ସହ ରାସ୍ତା ପାଖର୍ ଜଙ୍ଗଲକୁ ଯାଇଥିଲେ । ବହୁ ସମୟ ଧରି ଗଣେଶ ନ ଫେରିବାରୁ ଅନ୍ୟ କର୍ମଚାରୀ ତାଙ୍କୁ ଖୋଜିଥିଲେ । ପରେ ଏକ ବିଦ୍ୟୁତ ଖୁଣ୍ଟ ନିକଟରେ ଅଚେତ ଅବସ୍ଥାରେ ଗଣେଶଙ୍କୁ ପାଇ ମୋହନା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ । ବିଦ୍ୟୁତ ଖୁଣ୍ଟ ନିକଟରେ ଗଣେଶ ପଡ଼ିଥିବା ଯୋଗୁଁ ବିଦ୍ୟୁତ ଆଘାତରେ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି । ଅନ୍ୟପଟେ କ୍ଷତିପୂରଣ ଦାବିରେ ମୋହନା ଟିପିଏସ୍‌ଓଡିଏଲ୍ କାର୍ଯ୍ୟାଳୟ ସମ୍ମୁଖରେରେ ମୃତଦେହ ରଖି ଉତ୍ତ୍ୟକ୍ତ ଲୋକେ ପ୍ରତିବାଦ କରିବା ସହ ବିଦ୍ୟୁତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ବସନ୍ତ କୁମାର ପଟ୍ଟନାୟକଙ୍କୁ କାର୍ଯ୍ୟାଳୟ ସମ୍ମୁଖରେ ଅଟକ ରଖିଛନ୍ତି। ବ୍ରହ୍ମପୁର - ରାୟଗଡା ଜାତୀୟ ରାଜପଥ ୩୨୬ (ଏ)କୁ ଅବରୋଧ କରିଛନ୍ତି ଲୋକେ । ଫଳରେ ଗାଡି ଚଳାଚଳ ବ୍ୟାହତ ହୋଇଛି।

## ବିଜେପି ବିଧାୟକ ପ୍ରାର୍ଥୀ ମାନଗୋବିନ୍ଦଙ୍କ ବିରୋଧରେ ମେଳି



**ଜି.ଉଦୟଗିରି,୫।୪(ସମିସ):** ସାଧାରଣ ନିର୍ବାଚନ ପାଇଁ ପ୍ରମୁଖ ରାଜନୈତିକ ଦଳ ପ୍ରାର୍ଥୀ ଘୋଷଣା କରିବା ପରେ କ୍ଷେତ୍ର ପ୍ରସ୍ତୁତିରେ ଲାଗି ପଡିଲେଣ ପ୍ରାର୍ଥୀ। ଜି.ଉଦୟଗିରି ନିର୍ବାଚନମଣ୍ଡଳୀ ନିମନ୍ତେ ମାନଗୋବିନ୍ଦ ପ୍ରଧାନଙ୍କୁ ବିଜେପି ବିଧାୟକ ପ୍ରାର୍ଥୀ ଭାବରେ ଘୋଷଣା କରିଛି। ତେବେ ତାଙ୍କୁ ଖୋଲାଖୋଲି ବିରୋଧ କରାଯାଇଛି। ତାଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଥିବା ପ୍ରକାଶ କରିଛନ୍ତି ସ୍ଥାନୀୟ ଅଞ୍ଚଳର ନେତା ଓ କର୍ମକର୍ତ୍ତା। ମାନଗୋବିନ୍ଦ ୨୦୧୪ ସାଧାରଣ ନିର୍ବାଚନ ସମୟରେ ବିଧାୟକ ପ୍ରାର୍ଥୀ ଭାବରେ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ସୁଯୋଗ ପାଇଥିଲେ । କିନ୍ତୁ ତୃତୀୟ ସ୍ଥାନରେ ରହିଥିଲେ। ତେବେ ବର୍ତ୍ତମାନ ପୁଣି ମାନଗୋବିନ୍ଦଙ୍କୁ ପ୍ରାର୍ଥୀ କରାଯିବାକୁ ସହଜରେ ଗ୍ରହଣ କରୁନାହାନ୍ତି କର୍ମକର୍ତ୍ତା। ରାଇକିଆ ବ୍ଲକ ମଣ୍ଡାକିଆରେ ଏକ ବୈଠକ ଆୟୋଜନ କରି ଅସନ୍ତୋଷ ବ୍ୟକ୍ତ କରିବା ସହିତ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଦଳ ଅନ୍ୟ ଜଣକୁ ପ୍ରାର୍ଥୀ ଚୟନ କରିବାକୁ ଦାବି କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ବିଜେପି ଏସଟି ମୋର୍ଚ୍ଚା ଉପସଭାପତି ଜୟଚନ୍ଦ୍ର ପାତ୍ର ସମେତ ଜିଲ୍ଲାସ୍ତରୀୟ ଏବଂ ବ୍ଲକ ସ୍ତରୀୟ କର୍ମକର୍ତ୍ତାମାନେ ଉପସ୍ଥିତ ରହିଥିଲେ। ମାନଗୋବିନ୍ଦଙ୍କ ପ୍ରାର୍ଥୀ ପ୍ରତ୍ୟାହାର କରା ନଗଲେ ସମୂହ ଇସ୍ତଫା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି ଅସନ୍ତୁଷ୍ଟ ନେତା ଓ କର୍ମୀ ।

**● ପ୍ରାର୍ଥୀ ନ ବଦଳିଲେ ସମୂହ ଇସ୍ତଫା ଚେତାବନୀ**

## ଫିରିଙ୍ଗିଆରେ ଦଶମ ବାର୍ଷିକ ଅଷ୍ଟଦଣ୍ଡ ମିଳନ



**ଫିରିଙ୍ଗିଆ,୫।୪(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଦଣ୍ଡ ପରିଚାଳନା କମିଟି ଆନୁକୂଲ୍ୟରେ ଦଶମ ବାର୍ଷିକ ଅଷ୍ଟ ଦଣ୍ଡ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଚଳିତ ବର୍ଷ ପକାରୀ, ବାଲିଗଟା, ସୁମେରୁବନ୍ଧ, ରାତା ମାସ୍କା, କିଲୁପଙ୍ଗା, ଫିରିଙ୍ଗିଆ, ନୂଆପଡା, କେରେଙ୍ଗେଲି ଦଣ୍ଡ ଦଳ ଯୋଗ ଦେଇଥିଲେ । ପ୍ରଥମେ ପ୍ରତ୍ୟେକ ଦଣ୍ଡ ଦଳ ଫିରିଙ୍ଗିଆ ଜଗନ୍ନାଥ ମନ୍ଦିର, ପିତାବଳି ମନ୍ଦିର, କାଳୀମନ୍ଦିର, ଭଗବସ୍ୱାମୀ ଓ ଶିବ ମନ୍ଦିର ପରିକ୍ରମା କରିବା ସହ ବନ୍ଦନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଦିନ ତମାମ ଧୂଳି ଦଣ୍ଡ, ପାଣି ଦଣ୍ଡ ସହ ପାରମ୍ପରିକ ଦଣ୍ଡ ନୃତ୍ୟ ଅନୁଷ୍ଠିତ ହୋଇଥିଲା। ପାଞ୍ଚଟା ସମୟରେ ଜଳଘାଟ ସରିବା ପରେ ସନ୍ଧ୍ୟା ୭ ଟାରେ ଅଷ୍ଟ ଦଣ୍ଡ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଦଣ୍ଡ ପରିଚାଳନା କମିଟି ସଭାପତି ନବଘନ ସାହୁଙ୍କ ସହ ପରିଚାଳନା କମିଟିର ସଦସ୍ୟ ଉପଦେଷ୍ଟା ଅନାମ ନାୟକ, ସୁନାସିର ବେହେରା, ଉମେଶ ବେହେରା, ବାଳ କୃଷ୍ଣ ଜୁଣ୍ଡି, ବେଣୁ ଧର ମୁଖି, ଚନ୍ଦ୍ର ମୋହନ ନାୟକ, ଗୌରାଙ୍ଗ ଚରଣ କହଁର, ମୃତ୍ୟୁଞ୍ଜୟ ସାହୁ, ବିଶ୍ୱଜିତ ସାହୁ, ଭୂୟାଁ ମୁଖି, ଶିବଶଙ୍କର ମହାପାତ୍ର, ତନ୍ମୟ ଗୌଡ଼, ସାରସ୍ୱତ ପ୍ରଧାନ, ଅଜିତ ମୁଖି, ରବୀନ୍ଦ୍ର ସାହୁ, ବରିଷ୍ଠ ସଦସ୍ୟ ରମେଶ ପାଢ଼ୀ, ରବି ସାହୁ, ସୁବ୍ରତ ମହାନ୍ତି, ଉତ୍ତମ ଖମାରି, ଗୁରୁବନ କହଁର, ଅଜିତ ସାହୁ, ରାଜ ସାହୁ ସୁଶାନ୍ତ କହଁର, ଜିପୁନ ମୁଖି, ପ୍ରମୋଦ କୁମାର ଗୌଡ଼, ସଞ୍ଜୟ ଦିଗାଲ, ବିରଞ୍ଚି ଦିଗାଲ,ଙ୍କ ସହ ସମସ୍ତ କମିଟି ସଦସ୍ୟ ସହଯୋଗ କରିଥିବା ବେଳେ ଅଷ୍ଟଦଣ୍ଡ ମିଳନ କାର୍ଯ୍ୟକ୍ରମରେ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

## କଳିଙ୍ଗ ମହାବିଦ୍ୟାଳୟରେ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ

**ଜି.ଉଦୟଗିରି,୫।୪(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ କଳିଙ୍ଗ ମହାବିଦ୍ୟାଳୟରେ ରେଡ-ରିବନ କ୍ଲବ ସୌଜନ୍ୟରେ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଧାଂଶୁ ଶେଖର ମେହେର ସଭାପତିତ୍ୱ କରିଥିବା ବେଳେ ପ୍ରାକ୍ତନ ଛାତ୍ର ତଥା ଗୁମାଗଡ଼ ସିଏଚସିର ଡା.ପ୍ରଶାନ୍ତ କୁମାର ମହାପାତ୍ର ବିଷୟ ବିଶାରଦ ଭାବେ ଯୋଗ ଦେଇ ଏଡ୍‌ସ ରୋଗର ଭୟାବହତା, ତା'ର କାରଣ ଏବଂ ନିଦାନ ସମ୍ପର୍କରେ ବିଶଦ ଆଲୋଚନା କରିବା ସହିତ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ରେଡ-ରିବନ କ୍ଲବର କାଉନସେଲର ତଥା ଇଂରାଜୀ ବିଭାଗ ଅଧ୍ୟାପକ ତପନ ଚନ୍ଦ୍ର ନାୟକ ସଂଯୋଜନା କରିଥିଲେ। କଲେଜର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ। ଅଧ୍ୟାପିକା ପ୍ରଜ୍ଞା ପରମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।




## ଲାଦାଙ୍ଗୀ ଗାଁ ସମସ୍ୟା ଘେରରେ ଗ୍ରାମବାସୀ

ଦାରିଙ୍ଗବାଡ଼ି,୫।୪(ସମିସ)

କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ଭ୍ରମରବାଡ଼ି ପଞ୍ଚାୟତ ଲାଦାଙ୍ଗୀ ଗ୍ରାମ ଅବହେଳିତ ଅବସ୍ଥାରେ ରହିଛି । ଏହି ଗ୍ରାମ ଅପହଞ୍ଚ ଅଞ୍ଚଳରେ ରହିଥିବା ବେଳେ ଗ୍ରାମବାସୀ ବହୁ ଦୁଃଖକଷ୍ଟରେ ଜୀବନ ବିତାଉଛନ୍ତି । ଆଜି ବି ରାସ୍ତାଘାଟ, ସ୍ୱାସ୍ଥ୍ୟ, ପାନୀୟ ଜଳ ଭଳି ସମସ୍ୟା ମଧ୍ୟରେ କାଳାତିପାତ କରୁଛନ୍ତି ଗ୍ରାମବାସୀ । ଲାଦାଙ୍ଗୀ ଭ୍ରମରବାଡ଼ି ପଞ୍ଚାୟତ ଠାରୁ ୫ କିଲୋମିଟର ଦୂରରେ ଅବସ୍ଥିତ । ବଣପାହାଡ଼ ଘେରା ଗ୍ରାମରେ ସମୁଦାୟ ୫୦ ପରିବାରର ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ସମସ୍ତେ ଆଦିବାସୀ ସମ୍ପ୍ରଦାୟର ହୋଇଥିବା ବେଳେ ବିଭିନ୍ନ ଯୋଜନା ସେମାନଙ୍କ ପାଖରେ ପହଞ୍ଚି ପାରିନାହିଁ। ଗ୍ରାମକୁ ରାସ୍ତା ନ ଥିବାରୁ ଗ୍ରାମବାସୀଙ୍କୁ ସର୍ବନିମ୍ନ ଆବଶ୍ୟକତା ପାଇଁ ୫ କିଲୋମିଟର ଯିବାକୁ ପଡୁଛି। ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ରାସନ ଚାଉଳ ପାଇଁ ପଥର ଖାଲଖମା ପାହାଡ଼ ରାସ୍ତାଦେଇ ଚାଲି ଚାଲି ଯାଉଛନ୍ତି ଗ୍ରାମବାସୀ। ବର୍ଷା ଦିନେ ଯାତାୟାତ ଏକ ପ୍ରକାର ବନ୍ଦ ହୋଇଯାଉଥିବା ସେମାନେ କହିଛନ୍ତି। ଆଦିବାସୀ ବହୁଳ ଗ୍ରାମ ହୋଇଥିବା ବେଳେ ଆଦିବାସୀ ଉନ୍ନୟନ ସଂସ୍ଥା ତରଫରୁ କୌଣସି ସୁବିଧା ଦିଆଯାଇ ନ ଥିବା ପ୍ରକାଶ କରିଛନ୍ତି ଗ୍ରାମବାସୀ। ରାସ୍ତା ଠିକ ନ ଥିବାରୁ ପୂର୍ବରୁ ପୁଷ୍ପଲତା ପ୍ରଧାନ ଓ ସନ୍ତୋଜିନି ପ୍ରଧାନ ଦୁଇ ଜଣ ମହିଳାଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଥିବା ସେମାନେ ଦୁଃଖର ସହିତ କହିଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ଡାକ୍ତରଖାନାକୁ ନିଆଯାଇ ପାରି ନ ଥିଲା। ଏଥି ସହିତ ଗର୍ଭବତୀ ମା ବନିତା ପ୍ରଧାନଙ୍କ ପ୍ରସବ ଯନ୍ତ୍ରଣା ହେବାରୁ ଦୋଳାରେ ନିଆଯାଉଥିବା ବେଳେ ଅଧାବାଟରେ ପ୍ରସବ କରିଥିବା ଗ୍ରାମବାସୀ କହିଛନ୍ତି। ଲୋକଙ୍କ ସାମୁହିକ ସମସ୍ୟାକୁ ଦୃଷ୍ଟି ଦେଇ ଲାଦାଙ୍ଗୀ ଗ୍ରାମ ପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି। ପାନୀୟ ଜଳର ମଧ ଘୋର ଅସୁବିଧା ରହିଛି। ସ୍କୁଲ ମଧ୍ୟରେ ଗୋଟିଏ ନଳକୂପ ରହିଥିବା ବେଳେ ଗାଁ ମଧ୍ୟରେ ରହିଛି ଅନ୍ୟ ଏକ ନଳକୂପ। ଏଥିରେ ଲୌହ ମିଶ୍ରିତ ପାଣି ବାହାରୁଥିବାରୁ ବ୍ୟବହାର ଉପଯୋଗୀ ହୋଇପାରୁନି। ତୁରନ୍ତ ମୌଳିକ ସମସ୍ୟା ଉପଲବ୍ଧ କରା ନଗଲେ ଆଗାମୀ ନିର୍ବାଚନରେ ଭୋଟ ବର୍ଜନ କରାଯିବ ବୋଲି ମାଥ୍ୟୁ ପ୍ରଧାନ, ମୁନ୍ଦୁରା ପ୍ରଧାନ, ଶୁଦ୍ର ପ୍ରଧାନ, ନମିତା ପ୍ରଧାନ ଓ ରଜନୀ ପ୍ରଧାନଙ୍କ ସମେତ ସମସ୍ତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।





## ହୋମିଓପାଥି ମେଡିକାଲ କଲେଜର ନୂତନ ଅଧ୍ୟକ୍ଷାଙ୍କ ଦାୟିତ୍ୱ ଗ୍ରହଣ



**ବ୍ରହ୍ମପୁର, ୫।୪(ସମିସ):** ସ୍ଥାନୀୟ ବିଜୁ ପଟ୍ଟନାୟକ ହୋମିଓପାଥି ମେଡିକାଲ କଲେଜ ଓ ହସପିଟାଲର ନୂଆ ଅଧ୍ୟକ୍ଷା ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ଡା. ଗୀତାଞ୍ଜଳି ପଟ୍ଟନାୟକ। ପୂର୍ବତନ ଅଧ୍ୟକ୍ଷ ଡା. ପ୍ରଦୀପ୍ତ କୁମାର ବେବର୍ତ୍ତାଙ୍କଠାରୁ ସେ ଭାରପ୍ରାପ୍ତ ଅଧ୍ୟକ୍ଷା ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏ ଅବସରରେ ମେଡିକାଲ କଲେଜର ଡା. ନନ୍ଦିତା ସାହୁ, ଡା. କେ.ପି. ମୁର୍ମୁ, ଡ. ପି.ମୀରାବାଇ, ଡା. କମଳକୃଷ୍ଣ ମହାରଣା, ଡା. ଚନ୍ଦନ ପଣ୍ଡା, ଡା. ସାଗରିକା ମିଶ୍ର, ଡା. ସୌମ୍ୟରଞ୍ଜନ ସାହୁ, ଡା. ଶ୍ୟାମସୁନ୍ଦର ମହାରଣା, ଡା. ସିଦ୍ଧାର୍ଥ ଶତପଥୀ, ବରିଷ୍ଠ କିରାଣି ରାଜକିଶୋର ବଡୁ ଓ ଅନ୍ୟମାନେ ଡା. ପଟ୍ଟନାୟକଙ୍କୁ ସାକ୍ଷାତ କରିବା ସହ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସୂଚନାଯୋଗ୍ୟ ଯେ, ଡା. ପଟ୍ଟନାୟକ ୧୯୯୪ମସିହାରେ ନିଜ ଚାକିରିରେ ଜୀବନ ଆରମ୍ଭ କରିଥିଲେ। ସେ ହସପିଟାଲର ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗୀୟ ମୁଖ୍ୟ ଭାବେ କାର୍ଯ୍ୟରତ ଥିଲେ।

# ବିହାରକୁ ଗଞ୍ଜେଇ ଚାଲାଣ ଘଟଣାରେ ୬ ଗିରଫ

### ଏସ୍କର୍ଟ କରିବାକୁ ବିହାରରୁ ଆସିଥିଲେ ୩ ଯୁବକ

**ବ୍ରହ୍ମପୁର, ୫।୪(ସମିସ)**



ବିହାରକୁ ଗଞ୍ଜେଇ ଚାଲାଣ କରୁଥିବା ୬ଜଣ ଚାଲାଣକାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ଅବକାରୀ ଗୁଇନ୍ଦା ବିଭାଗ। ଗିରଫ ଅଭିଯୁକ୍ତମାନେ ଗଜପତି ଜିଲ୍ଲା ମୋହନା ଥାନା ଅନ୍ତର୍ଗତ ପୋଇପଡ଼ା ଗ୍ରାମର ବିଷ୍ଣୁ ନାୟକ(୨୪), ଯୋଶେଫ ପ୍ରଧାନ(୧୯), ପୋଇପଡ଼ା ଗ୍ରାମର ସୁବିତ କୁମାର ନାୟକ(୪୦), ବିହାରର ବୈଶାଳୀ ଜିଲ୍ଲା ମିରାମପୁରର ପପୁ କୁମାର(୩୨) ଓ ହଜପୂର୍ବା ଗ୍ରାମର କୁନ୍ଦନ କୁମାର(୨୦)। ଉପରୋକ୍ତ ଅଭିଯୁକ୍ତଙ୍କ ନିକଟରୁ ୪୦କିଲୋ ଗଞ୍ଜେଇ ସମେତ ଗୋଟିଏ ବୁଲେଟ, ସ୍କୁଟି ଓ ୬ଟି ମୋବାଇଲ ଜବତ କରାଯାଇଛି। ସୂଚନାଯୋଗ୍ୟ ଯେ, ବିହାର ଏବଂ ଓଡ଼ିଶାର କିଛି ଯୁବକ ବୁଲେଟ ଓ ସ୍କୁଟିରେ ଗଞ୍ଜେଇ ଧରି ବ୍ରହ୍ମପୁର ରେଳଷ୍ଟେସନ ଅଭିମୁଖେ ଯାଉଥିବା ଅବକାରୀ ଗୁଇନ୍ଦା ବିଭାଗକୁ ଖବର ମିଳିଥିଲା। ସେହିକ୍ରମରେ ବିଭାଗର ଇନ୍ସପେକ୍ଟର ଗୋବର୍ଦ୍ଧନ ରଣାଙ୍କ ନେତୃତ୍ୱରେ ଏକ ଟିମ ସହରର ବିଭିନ୍ନ ସ୍ଥାନରେ ଛକି ରହିଥିଲେ। ଇଞ୍ଜିନିୟରିଂ ସ୍କୁଲ ଛକ ଆଙ୍କୁଲି ଓଭରବ୍ରିଜ ନିକଟରେ କିଛି ଯୁବକ ବୁଲେଟ ଓ ସ୍କୁଟି ଧରି ଛିଡା ହୋଇଥିବା ଦେଖି ଅବକାରୀ ବିଭାଗ ଅଧିକାରୀମାନେ ସେମାନଙ୍କୁ ସନ୍ଦେହରେ ପଚରାଉଚରା କରିଥିଲେ। ଯାଞ୍ଚବେଳେ ସେଠାରେ ସ୍କୁଟି ସହ ଉପସ୍ଥିତ ଥିବା ଗଜପତି ଜିଲ୍ଲା ମୋହନା ଥାନା ଅନ୍ତର୍ଗତ ପୋଇପଡ଼ା ଗ୍ରାମର ବିଷ୍ଣୁ ନାୟକ ଏବଂ ଯୋଶେଫ ପ୍ରଧାନଙ୍କ ନିକଟରୁ ୨୦କେଜି ଗଞ୍ଜେଇ ଜବତ ହୋଇଥିଲା। ସେହିପରି ସେଠାରେ ବୁଲେଟ ସହ ଉପସ୍ଥିତ ଥିବା ମୋହନା ପୋଇପଡ଼ା ଗ୍ରାମର ସୁବିତ କୁମାର ନାୟକ ଏବଂ ବିହାରର ବୈଶାଳୀ ଜିଲ୍ଲା ମିରାମପୁରର ପପୁ କୁମାରଙ୍କ ନିକଟରୁ ୨୦କେଜି ଗଞ୍ଜେଇ ଜବତ କରାଯାଇଥିଲା। ସେହିପରି ଉପରୋକ୍ତ ୪ଅଭିଯୁକ୍ତଙ୍କୁ ବ୍ରହ୍ମପୁର ରେଳଷ୍ଟେସନରେ ପହଞ୍ଚାଇବା ତଥା ଏସକର୍ଟ କରିବାକୁ କିଛିଦୂରରେ ଅପେକ୍ଷା କରିଥିବା ବିହାର ହଜପୂର୍ବା ଗ୍ରାମର କୁନ୍ଦନ କୁମାର ଓ ପାଟନାର ପ୍ରଦ୍ୟୁମ୍ନ ରାୟଙ୍କୁ ମଧ୍ୟ ବିଭାଗୀୟ ଅଧିକାରୀମାନେ କାବୁ କରିଥିଲେ। ବିହାରରୁ ଆସିଥିବା ଉପରୋକ୍ତ ୩ଜଣ ଅଭିଯୁକ୍ତ ଗଜପତି ମୋହନା ଅଞ୍ଚଳର ୩ଜଣ ଅଭିଯୁକ୍ତଙ୍କ ସହଯୋଗରେ ଏହି ଗଞ୍ଜେଇକୁ ଟ୍ରେନଯୋଗେ ବିହାରକୁ ଚାଲାଣ କରିବାକୁ ଯୋଜନା କରିଥିଲେ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଏହି ଚଢଉରେ ଏଏସଆଇ ବ୍ରଜବିହାରୀ ନାୟକ ଓ କେଦାରନାଥ ସାହୁଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ।

**● ୪୦ କିଲୋ ଗଞ୍ଜେଇ ସହ ବୁଲେଟ, ସ୍କୁଟି ଓ ମୋବାଇଲ ଜବତ**

## ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ବିଜୟ କରାଇବାକୁ ବିଜେଡି ଯୁବଗୋଷ୍ଠୀଙ୍କ ସଂକଳ୍ପ

**ଗଞ୍ଜାମ, ୫।୪(ସମିସ):** ବ୍ରହ୍ମପୁର ଲୋକସଭା ସାଂସଦ ପ୍ରାର୍ଥୀ ଭାବେ ଭୃଗୁ ବକ୍ସି ପାତ୍ର ଏବଂ ଛତ୍ରପୁର ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ଭାବେ ବିଧାୟକ ସୁବାସ ଚନ୍ଦ୍ର ବେହେରାଙ୍କୁ ବିଜେଡି ଟିକେଟ ଦେଇଛି। ଏହାକୁ ନେଇ ଦଳୀୟ ନେତା ଓ କର୍ମୀ ମହଲରେ ଉତ୍ସାହ ଦେଖାଦେଇଛି। ଏନେଇ ଗଞ୍ଜାମ ଯୁବ ଏନଏସି ବିଜେଡି ପକ୍ଷରୁ ଶୁକ୍ରବାର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ଏନଏସି ଉପାଧ୍ୟକ୍ଷ ନୀଳାଞ୍ଚଳ



ବାରିକି ସଭାପତିତ୍ୱ କରିଥିଲେ। ଏନଏସି ଉପନଗରପାଳ ସୁରେନ୍ଦ୍ର କୁମାର ବାରିକ, ବିଜେଡି ଏନଏସି ନଗର ସଭାପତି ରଙ୍କନାଥ ପଲାଇ, ଯୁବ ସଭାପତି ସୁଧୀର କୁମାର ପାଢ଼ୀ, ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ, ପୂର୍ବତନ କାଉନସିଲର ଦଣ୍ଡପାଣି ପରିଡ଼ା, କାଉନସିଲର ପୁରଷ୍ତମ ସାହୁ, ପି.ମୋହନ ରେଡି, ଚନ୍ଦ୍ରଶେଖର ରେଡି, ବିଜେଡି ଯୁବ ନେତା ଜିତୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠ ଥର, ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ବିଜେଡି ହ୍ୟାଟ୍ରିକ ଅର୍ଜନ କରିବା ସହ ବିଧାୟକଙ୍କୁ ପୂର୍ବ ନିର୍ବାଚନ ଅପେକ୍ଷା ଚଳିତ ନିର୍ବାଚନରେ ଦୁଇଗୁଣା ଅଧିକ ଭୋଟରେ ଜିତିବେ ବୋଲି ମତ ପ୍ରକାଶ ପାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ନିରଞ୍ଜନ ପରିଡ଼ା, ଶିବରାମ ଜେନା, କାଉନସିଲର ପ୍ରତିନିଧି ଅରୁଣ ମହାନ୍ତି, ବିଭୁତି ପଲାଇ, ମନୋଜ ପ୍ରଧାନ, ମଦନ ପାଢ଼ୀ, ବାପୁନି ପଣ୍ଡା, ଟୋନି ପଣ୍ଡା ପ୍ରମୁଖଙ୍କ ସମେତ ୬୦ରୁ ଊର୍ଦ୍ଧ୍ୱ ଯୁବ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ନବମ ଶ୍ରେଣୀ ଛାତ୍ରୀଙ୍କ ଅକାଳ ମୃତ୍ୟୁ

**ଜଗନ୍ନାଥପ୍ରସାଦ, ୫।୪(ସମିସ):** ଜଗନ୍ନାଥ ପ୍ରସାଦ ଥାନା ଜମାଗୋରଡା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ୯ ବମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ରୀ ଜଣକ ହେଲେ ବିଡିପୁର ଗ୍ରାମର ମଦନ ରଥଙ୍କ ଏକମାତ୍ର ଝିଅ ବିଦ୍ୟୁଷା ରଥ (୧୪)। ଛାତ୍ରୀ ଜଣକ ସ୍କୁଲରେ ପଢୁଥିବା ସମୟରେ ପେଟରେ ଯନ୍ତ୍ରଣା ହେବା ସହ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ଜଗନ୍ନାଥ ପ୍ରସାଦ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ କିଛି ସମୟ ଆରାମ ଲାଗିବା ଯୋଗୁଁ



ଛାତ୍ରୀଙ୍କୁ ନିଜ ଗ୍ରାମ ବିଡିପୁର ଫେରିଯାଇଥିଲେ। କିନ୍ତୁ ଘରେ ପହଁଚିବାର କିଛି କ୍ଷଣ ପରେ ପୁଣି ପେଟରେ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ଚିକିତ୍ସା ପାଇଁ ଭଞ୍ଜନଗର ଉପଖଣ୍ଡ ମେଡିକାଲ ନେବା ସମୟରେ ବାଟରେ ଅଚେତ ହୋଇ ପଡ଼ିଥିଲେ ଓ ମେଡିକାଲ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଦୁଃଖଦ ଖବର ଶୁଣିବା ପରେ ଗ୍ରାମରେ ଏବଂ ସ୍କୁଲ ଓ ସାଙ୍ଗସାଥିଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି ବିଦ୍ୟୁଷା ଜଣେ ଉତ୍ତମ ଓ ମେଳାପୀ ଛାତ୍ରୀ ଥିବା ଜଣାପଡ଼ିଛି।

**● ଗଞ୍ଜେଇ ଜବତ ମାମଲା**

## ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡ

**ବ୍ରହ୍ମପୁର, ୫।୪(ସମିସ):** ବ୍ରହ୍ମପୁର ଅତିରିକ୍ତ ଜିଲ୍ଲା ଜଜ୍ (ପ୍ରଥମ) ଡ. ଇନ୍ଦୁ ଶର୍ମା ଶୁକ୍ରବାର ଏକ ଗଞ୍ଜେଇ ଚୋରାଚାଲାଣ ମାମଲାର ଶୁଣାଣି କରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଦୋଷୀ ସାବ୍ୟସ୍ତ ଅଭିଯୁକ୍ତ ଜଣକ ଗଞ୍ଜାମ ଜିଲ୍ଲା ପାଟପୁର ଥାନା ଅନ୍ତର୍ଗତ ଦୋଳବ ଗ୍ରାମର ଦୀପକ ନାୟକ (୧୯)। ଏହାସହ ୧ଲକ୍ଷ ଟଙ୍କା ଜରିମାନା ଦେବାକୁ କୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଜରିମାନା ଅନାଦେୟ ଅତିରିକ୍ତ ୧ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ ଯେ, ୨୦୨୩ମସିହା ଏପ୍ରିଲ ୯ତାରିଖରେ ଗଜପତି ଜିଲ୍ଲାରୁ ଗଞ୍ଜେଇ ବ୍ରହ୍ମପୁର ଚାଲାଣ ହେଉଥିବା ନେଇ ଅବକାରୀ ଗୋଇନ୍ଦା ବିଭାଗକୁ ଖବର ମିଳିଥିଲା। ତତ୍କାଳୀନ ଅବକାରୀ ଇନ୍ସପେକ୍ଟର ହୃଦୟ ଚନ୍ଦ୍ର ସାମନ୍ତଙ୍କ ନେତୃତ୍ୱରେ ଏକ ଟିମ ଫାଷ୍ଟଗେଟ ନିକଟ ଧୋବାବନ୍ଧ ନିକଟରେ ଯାନବାହନ ଯାଞ୍ଚ କରୁଥିଲା। ବ୍ରହ୍ମପୁର ସହର ଭିତରକୁ ଦ୍ରୁତଗତିରେ ଆସୁଥିବା ଏକ ଧଳାରଙ୍ଗର ମାରୁତି ସୁଜୁକି କାରକୁ ସନ୍ଦେହରେ ଅବକାରୀ ଟିମ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚବେଳେ ସେଥିରେ ୫ଟି ବସ୍ତାରେ ମୋଟ ୭୫କିଲୋ ଗଞ୍ଜେଇ ରହିଥିବା ଜଣାପଡ଼ିଥିଲା। ଉକ୍ତ କାରରେ ବସିଥିବା ଉପରୋକ୍ତ ଅଭିଯୁକ୍ତଙ୍କୁ ପୁଲିସ ଜେରା କରିଥିଲା। ଜବତ ଗଞ୍ଜେଇ ଗଜପତିରୁ ବ୍ରହ୍ମପୁର ଅଣାଯାଉଥିବା ଅଭିଯୁକ୍ତ ଦୀପକ ସ୍ୱୀକାର କରିବା ପରେ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରି ଦୀପକଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଗିରଫ ପରଠାରୁ ଅଭିଯୁକ୍ତ ଦୀପକ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀଭାବେ ରହୁଥିଲେ। ଏହି ମାମଲାର ବିଚାରଣା ବେଳେ ମୋଟ ୩ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ରାୟପ୍ରକାଶ ବେଳେ ଅଭିଯୁକ୍ତ ଦୀପକଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଉପଯୁକ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି କୋର୍ଟ ଉପରୋକ୍ତ ରାୟ ପ୍ରକାଶ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନରେଶ ପ୍ରସାଦ ପାତ୍ର ମକଦ୍ଦମା ପରିଚାଳନା କରିଥିଲେ।

## ବିଜେଡିର ପରିବାର ସମ୍ପର୍କ ଅଭିଯାନ

**ଭଞ୍ଜନଗର, ୫।୪(ସମିସ):** ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ନେଇ ତୃଣମୂଳ ସ୍ତରରେ ପହଞ୍ଚାଇବା ସହ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଭଞ୍ଜନଗର ଏନଏସି ଓ ବ୍ଲକରେ ବିଜୁ ଜନତା ଦଳ ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନ୍ତର୍ଗତ ପରିବାର ସମ୍ପର୍କ ଅଭିଯାନ ଆରମ୍ଭ ହୋଇଛି। ଅପରାହ୍ଣରେ ଭଞ୍ଜନଗର ଏନଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ରଙ୍କ ବାସଭବନରୁ ଏହା ଶୁଭାରମ୍ଭ ହୋଇଥିଲା। ଶୋଭାଯାତ୍ରାରେ ସମସ୍ତେ ୧, ୨, ୩, ୪, ୫ ଓ ୧୫ ଏହି ୬ଟି ୱାର୍ଡ ବୁଲି ସ୍ଥାନୀୟ ଜନସାଧାରଣଙ୍କୁ ସଚେତନ କରିଥିଲେ। ଏଥିରେ ଏନଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ବିଜେଡି ନଗର ସଭାପତି ରାଜେନ୍ଦ୍ର ବିଷୋୟୀ,



ସାଂସଦ ପ୍ରତିନିଧି ପଞ୍ଚାନନ ପାଳ, ପୂର୍ବତନ ଅଧ୍ୟକ୍ଷ ସୁଧୀର ରଞ୍ଜନ ବେହେରାଙ୍କ ସମେତ ସମସ୍ତ କାଉନସିଲର ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। ଜିଲ୍ଲା ପରିଷଦ ସଭ୍ୟା ଶୈଳବାଳା ବିଷୋୟୀଙ୍କ ନେତୃତ୍ୱରେ ବିଜେଡ଼ି କର୍ମୀମାନେ ବିଭିନ୍ନ ପଞ୍ଚାୟତ ବୁଲି ଲୋକଙ୍କୁ ସଚେତନ କରିଥିଲେ। ସେହିପରି ଲାଲ ସିଂ ସରପଞ୍ଚ ଶିବରାମ ସାହୁ ନିଜ ସମର୍ଥକଙ୍କ ଗହଣରେ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ଘରକୁ ଘର ବୁଲି ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମର ପ୍ରଚାର କରିଥିଲେ।

**● ଫାଇନାନ୍ସ କର୍ମଚାରୀଙ୍କୁ ଆକ୍ରମଣ ଘଟଣା**

## କଂଗ୍ରେସ କର୍ପୋରେଟର ପ୍ରାର୍ଥୀ ଗିରଫ

**ବ୍ରହ୍ମପୁର, ୫।୪(ସମିସ):** ଏକ ଘରୋଇ ଫାଇନାନ୍ସ କମ୍ପାନୀର କର୍ମଚାରୀଙ୍କୁ ଆକ୍ରମଣ ଓ ଗାଳିଗୁଲଜ କରିବା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ଗୋଇଲୁଣ୍ଡିର ଦଣ୍ଡପାଣି ସାହୁ। ସେ ଗତ ପୌର ନିର୍ବାଚନରେ କଂଗ୍ରେସ ଦଳ ପକ୍ଷରୁ ବ୍ରହ୍ମପୁର ମହାନଗର ନିଗମ ୱାର୍ଡ ନଂ୩୪ର କର୍ପୋରେଟର ପ୍ରାର୍ଥୀ ହୋଇଥିଲେ। ସୂଚନାଯୋଗ୍ୟ ଯେ, ଦଣ୍ଡପାଣିଙ୍କ ମାଆ ବାସନ୍ତି ବ୍ରହ୍ମପୁର ସ୍ଥିତ ଏଲଆଣ୍ଡଟି ଫାଇନାନ୍ସ ସଂସ୍ଥାରୁ କିଛି ମାସ ପୂର୍ବେ ୩୭ହଜାର ଟଙ୍କା ଋଣ ନେଇଥିଲେ। ୭ମାସ କିସ୍ତି ପରିଶୋଧ କରିବା ପରେ ବାସନ୍ତି ଆଉ କିସ୍ତି ଦେଇନଥିଲେ। ୫ମାସର କିସ୍ତି ବାକି ରହିଥିବାରୁ ଏଲଆଣ୍ଡଟି ବ୍ରହ୍ମପୁର ଶାଖାର ପରିଚାଳକ



ପ୍ରଦୀପ କୁମାର ନାୟକ ଓ ତାଙ୍କ ସହକର୍ମୀ ଟଙ୍କା ପରିଶୋଧ କରିବାକୁ କହିଥିଲେ। ହେଲେ ବାସନ୍ତି ଟଙ୍କା ନଦେବାରୁ ଉଭୟ ପକ୍ଷ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଗତ ଫେବୃୟାରୀ ମାସରେ ବାସନ୍ତି ଟଙ୍କା ଦେବେ ବୋଲି ଡାକିବାରୁ ପରିଚାଳକ ପ୍ରଦୀପ ଓ ତାଙ୍କ ସହଯୋଗୀ ଗୋଇଲୁଣ୍ଡିରେ ପହଞ୍ଚିଥିଲେ। ଏହି ସମୟରେ ବାସନ୍ତିଙ୍କ ପୁଅ ଦଣ୍ଡପାଣି ପରିଚାଳକ ପ୍ରଦୀପ ଓ ତାଙ୍କ ସହଯୋଗୀଙ୍କୁ ଗାଳିଗୁଲଜ କରିବା ସହ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ ବୋଲି ପ୍ରଦୀପ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଆଜି ଅଭିଯୁକ୍ତ ଦଣ୍ଡପାଣିଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି ପୁଲିସ।

## ରମ୍ଭା ଏନ୍ଏସିରେ ଖୋଲିଲା ଜଳଛତ୍ର

**ରମ୍ଭା, ୫।୪(ସମିସ):** କ୍ରମାଗତ ଭାବେ ପ୍ରବଳ ଗ୍ରୀଷ୍ମ ପ୍ରଭାବ ଓ ପ୍ରଚଣ୍ଡ ରୌଦ୍ର ତାପ ବୃଦ୍ଧି ଘଟୁଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ରମ୍ଭା ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶାଲତା ରଚମାଳାଙ୍କ ତତ୍ତ୍ୱାବଧାନରେ ଅସ୍ଥାୟୀ ଜଳଛତ୍ର କେନ୍ଦ୍ର ଖୋଲା ଯାଇଛି।




ଏହାକୁ ଏନଏସି କର୍ମକର୍ତ୍ତାଙ୍କ ଉପସ୍ଥିତରେ ନିର୍ବାହୀ ଅଧିକାରୀ ଆରମ୍ଭ କରିଥିଲେ। ପ୍ରତ୍ୟେକ କେନ୍ଦ୍ରରେ ଯେମିତି ପାନୀୟ ଜଳର ଅଭାବ ଦେଖା ନ ଯିବ ସେଥିପ୍ରତି ସଜାଗ ରହିବାକୁ ନିୟୋଜିତ କର୍ମକର୍ତ୍ତାଙ୍କୁ ନିର୍ବାହୀ ଅଧିକାରୀ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ସଠିକ ସମୟରେ ଜଳଛତ୍ର ଖୋଲାଯାଇଥିବାରୁ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିଛନ୍ତି। କିନ୍ତୁ ଖରାର ପ୍ରକପରେ ଜୀବଜନ୍ତୁ ଡ଼ହଳବିକଳ ହେଉଥିବା ବେଳେ ସେମାନଙ୍କ ପାଇଁ ଜଳଛତ୍ର ଓ ତୋରାଣି କୁଣ୍ଡ ସ୍ଥାପନା କେବେ ବୋଲି ସାଧାରଣରେ ଆଲୋଚନା ହେଉଛି।

## ଝୋଲରୀରେ ହନୁମାନ ବିଗ୍ରହ ପ୍ରତିଷ୍ଠା

**ବୁଗୁଡ଼ା, ୫।୪(ସମିସ):** ବୁଗୁଡା ବ୍ଲକ ଅନ୍ତରପଡ଼ା ପଞ୍ଚାୟତ ଅନ୍ତର୍ଗତ ଝୋଲରୀ ଗ୍ରାମରେ ହନୁମାନ ବିଗ୍ରହ ପ୍ରତିଷ୍ଠା ଓ ଅଷ୍ଟଦଳ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି।



ଏଥିରେ କଞ୍ଚୁରୁ, ପଙ୍କଲବାଡ଼ି, ଏକଡାଳ, ଝୋଲରୀ, ମନ୍ଦାର, ବେଠିଆବୋରଦା ଓ ଖରିଡା ଗ୍ରାମର ୨ଟି ନାମ ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଆୟୋଜିତ ହୋମଯଜ୍ଞକୁ ରବୀନ୍ଦ୍ର କୁମାର ରଥ ପରିଚାଳନା କରିଥିଲା ବେଳେ ଗ୍ରାମବାସୀ ସହଯୋଗ କରିଥିଲେ।

**ପିଲାଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଚିନ୍ତା**

## ବିଦ୍ୟାଳୟରେ ବାଜିଲା ‘ଜଳ ବିରତି ଘଣ୍ଟି’

**ବ୍ରହ୍ମପୁର, ୫।୪(ସମିସ)**





ସହରରେ କ୍ରମଶଃ ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଇବାରେ ଲାଗିଛି। କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟନଥିଲେ ଖରାରେ ବାହାରକୁ ନବହାରିବାକୁ ସରକାର ପକ୍ଷରୁ ଲୋକଙ୍କୁ ବିଭିନ୍ନ ମାଧ୍ୟମରେ ସଚେତନ କରାଯାଉଛି। ଅନ୍ୟପକ୍ଷରେ ଗ୍ରୀଷ୍ମପ୍ରବାହ ବୃଦ୍ଧିକୁ ଦୃଷ୍ଟିରେ ରଖି ଶିକ୍ଷାବିଭାଗ ପକ୍ଷରୁ ଏପ୍ରିଲ ୨ତାରିଖରୁ ସକାଳୁଆ ସ୍କୁଲ ଆରମ୍ଭ କରାଯାଇଛି। ସେହିପରି ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ଦୃଷ୍ଟିରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଦ୍ୟାର୍ଥୀମାନେ କ୍ଲାସରେ ନିୟମିତ ଓ ଯଥେଷ୍ଟ ପାଣି ପିଇବା ପାଇଁ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି ହୋଇଛି। ଉକ୍ତ ନିୟମକୁ ସହରରେ ଥିବା ବିଦ୍ୟାଳୟଗୁଡ଼ିକ ପାଳନ କରିଥିବା ଦେଖିବାକୁ ମଳିଛି। ବିଦ୍ୟାଳୟ ପକ୍ଷରୁ ‘ଜଳ ବିରତି ଘଣ୍ଟି’ ବାଜିବା ପରେ ଛାତ୍ରଛାତ୍ରୀମାନେ ନିଜ ନିଜ ବୋତଲରେ ଥିବା ପାଣି ପିଇଛନ୍ତି। ସମସ୍ତ ଛାତ୍ରଛାତ୍ରୀ ନିର୍ଦ୍ଧାରିତ ସମୟରେ ପାଣି ପିଉଛନ୍ତି ନା ନାହିଁ ତାହାକୁ ଅନୁଧ୍ୟାନ କରିଛନ୍ତି ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ। ଶୁକ୍ରବାର ସକାଳ ୮ଟା ୩୦ମିନଟ, ୧୦ଟା ଓ ୧୧ଟା ସମୟରେ ଏହି ଜଳ ବିରତି ଘଣ୍ଟି ବାଜିଥିଲା। ପ୍ରତ୍ୟେତ ଦିନ ଏଭଳି ମୋଟ ୩ଥର ଜଳ ବିରତି ଘଣ୍ଟି ବାଜିବାକୁ ନିର୍ଦ୍ଦେଶ ରହିଛି। ତାପମାତ୍ରା ବୃଦ୍ଧି ହେତୁ ନିର୍ଜଳୀକରଣ (ଡିହାଇଡ୍ରେସନ) ଜନିତ ସମସ୍ୟାକୁ ପୂର୍ବାନୁମାନ କରି ରାଜ୍ୟର ସମସ୍ତ ବିଦ୍ୟାଳୟରେ ‘ଜଳ ବିରତି ଘଣ୍ଟି’ ଲାଗୁ କରିବାକୁ ବିଭାଗ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ସହରରେ ଥିବା କିଛି ବିଦ୍ୟାଳୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶନାମାକୁ ଅନୁପାଳନ କରାଯାଇନଥିବା ଅଭିଯୋଗ ହୋଇଛି। ସଠିକ ସମୟରେ ସ୍କୁଲରେ ‘ଜଳ ବିରତି ଘଣ୍ଟି’ ବାଜି ନଥିବା ବେଳେ ବିଦ୍ୟାର୍ଥୀଙ୍କ ନିମନ୍ତେ ପାନୀୟ ଜଳର ଅଭାଗ ରହିଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗତ ଗୁରୁବାର ରାଜ୍ୟର ସମସ୍ତ ସ୍କୁଲରେ ଛାତ୍ରଛାତ୍ରୀ ପାଣି ପିଇବା ପାଇଁ ନିୟମିତ ବ୍ୟବଧାନରେ ଘଣ୍ଟି ବାଜିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏନେଇ ବିଭାଗପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷାଧିକାରୀ(ଡିଇଓ) ଓ ଗୋଷ୍ଠୀ ଶିକ୍ଷାଧିକାରୀ(ବିଇଓ)ଙ୍କୁ ଚିଠି କରାଯାଇଥିଲା। ଏହାକୁ ଶିକ୍ଷକ ଶିକ୍ଷୟିତ୍ରୀମାନେ ତଦାରଖ କରିବାକୁ କୁହାଯାଇଛି। ଏହା ସହିତ ସ୍କୁଲ ଯିବା ଆସିବା ସମୟରେ ଛତା କିମ୍ବା ଟୋପି ବ୍ୟବହାର କରିବା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀମାନେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେବେ ବୋଲି ଚିଠିରେ ଉଲ୍ଲେଖ ରହିଛି।

**● ଛାତ୍ରଛାତ୍ରୀଙ୍କ ପାଣିପିଇବା ତଦାରଖ କଲେ ଶିକ୍ଷକ ଓ ଶିକ୍ଷୟିତ୍ରୀ**

**● ଶିକ୍ଷାବିଭାଗର ନିୟମକୁ କିଛି ବିଦ୍ୟାଳୟର ବେଖାତିର!**

**● ଶିକ୍ଷାଗତ ଯୋଗ୍ୟତା ମାମଲା**

## ଆଡ଼ପଡ଼ା ସମିତି ସଭ୍ୟା ଅଯୋଗ୍ୟ ଘୋଷିତ

**ସାନଖେମୁଣ୍ଡି, ୫।୪(ସମିସ):** ସାନଖେମୁଣ୍ଡି ବ୍ଲକ ଆଡପଡ଼ା ପଞ୍ଚାୟତର ସମିତି ସଭ୍ୟା ନୟନୀ ପ୍ରଧାନଙ୍କୁ ଅଯୋଗ୍ୟ ଘୋଷିତ କରିଛନ୍ତି ଗଞ୍ଜାମ ଜିଲ୍ଲା ଆସିକା ସିନିୟର୍ ସିଭିଲ ଜଜ୍ କୋର୍ଟ। ଆସିକା ସିନିୟର୍ ସିଭିଲ ଜଜ୍ କୋର୍ଟରେ କରାଯାଇଥିବା ପଞ୍ଚାୟତ ଜନ ପ୍ରତିନିଧିଙ୍କ ଯୋଗ୍ୟତା ଜନିତ ନିର୍ବାଚନ ମାମଲାନଂ ୦୧ / ୨୦୨୨ର ବିଚାର କରି ଆସିକା ସିନିୟର୍ ସିଭିଲ ଜଜ୍ଙ୍କ ଅଦାଲତ ୨୪.୩.୨୦୨୪ରେ ନିର୍ଗତ ଆଦେଶ ପ୍ରକାରେ ତାଙ୍କୁ ଅଯୋଗ୍ୟ ଘୋଷିତ କରିଛନ୍ତି। କିନ୍ତୁ ନୟନି ପ୍ରଧାନ ସଠିକ୍ ନ୍ୟାୟ ନପାଇ ଉପରିସ୍ଥ କୋର୍ଟ ବା ଅତିରିକ୍ତ ଜିଲ୍ଲା କୋର୍ଟ ଆସିକାରେ ଅପିଲ କରିଥିବା ଜଣାପଡ଼ିଛି। ସୂଚନା ପ୍ରକାରେ ୨୦୨୨ରେ ଅନୁଷ୍ଠିତ ହୋଇଥିବା ପଞ୍ଚାୟତ ନିର୍ବାଚନରେ ଆଡ଼ପଡ଼ା ପଞ୍ଚାୟତରେ ନୟନୀ ପ୍ରଧାନ ସମିତି ସଭ୍ୟା ଭାବେ ମନୋନୟନରେ ତାଙ୍କ ଶିକ୍ଷାଗତ ଯୋଗ୍ୟତା ନେଇ ମିଛ ତଥ୍ୟ ଦେଇଥିବା ନେଇ ବିପକ୍ଷ ପ୍ରତିଦ୍ୱନ୍ଦୀ ବବିତା ବାରିକ ଆସିକା ସିନିୟର୍ ସିଭିଲ ଜଜ୍ ନ୍ୟାୟାଳୟର ଆଶ୍ରୟ ନେଇଥିଲେ। ଏହି ମାମଲାର ବିଚାରକରି ସରକାରୀ ସାକ୍ଷୀ ଭାବେ ତତ୍କାଳୀନ ସାନଖେମୁଣ୍ଡି ବିଡ଼ିଓ ଗାୟତ୍ରୀ ଦତ୍ତ ନାୟକଙ୍କ ସହ ୧୪ ଜଣ ଏବଂ ବବିତା ବାରିକଙ୍କ ପକ୍ଷରୁ ୫ ଜଣଙ୍କ ବୟାନ ଆଧାରରେ ଆସିକା ସିନିୟର୍ ସିଭିଲ ଜଜ୍ ସୌଦାମିନୀ ବିଶ୍ୱାଳ ତାଙ୍କୁ ଅଯୋଗ୍ୟ ଘୋଷିତ କରିଛନ୍ତି। ସରକାରୀ ଓକିଲ ପିକେ ଦାସ ମାମଲା ପରିଚାଳନା କରିଥିବାବେଳେ ବବିତା ବାରିକଙ୍କ ପକ୍ଷରୁ ଓକିଲ ଚିତ୍ତରଞ୍ଜନ ଦାଶ ଏବଂ ନୟନୀଙ୍କ ପକ୍ଷରୁ ଓକିଲ ଏସଏନ୍ ପଣ୍ଡା ମାମଲା ପରିଚାଳନା କରିଥିଲେ।



ସକାଳ
THE SAKALA



## ସାଂସଦ ଓ ବିଧାୟିକା ପ୍ରାର୍ଥୀଙ୍କ ନିର୍ବାଚନ ପ୍ରସ୍ତୁତି



**କୋଦଳା,୫ ।୪(ସମିସ):** ଶୁକ୍ରବାର କବିସୂର୍ଯ୍ୟନଗର ବିଧାନସଭା ନିର୍ବାଚନ ମଣ୍ଡଳୀ ତଥର ବେଗୁନିଆପଡା ବ୍ଲକ ସାଙ୍କୁଡ଼ା ପଞ୍ଚାୟତ ଆରାଧ୍ୟ ଦେବତା ବାବା ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆସ୍କା ସାଂସଦ ପ୍ରାର୍ଥିନୀ ରଞ୍ଜିତା ସାହୁ ଓ ବିଧାୟିକା ପ୍ରାର୍ଥିନୀ ଲତିକା ପ୍ରଧାନଙ୍କ ଉପସ୍ଥିତିରେ ନିର୍ବାଚନୀ ପ୍ରସ୍ତୁତି ତଥା ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅଞ୍ଚଳ କର୍ମକର୍ତ୍ତା ଏବଂ ଜନସାଧାରଣଙ୍କ ପକ୍ଷରୁ ଉଭୟ ପ୍ରାର୍ଥୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧିତ କରାଯାଇଥିଲେ । ଏହି ଅବସରରେ ବିଧାୟିକା ଭାବେ ପ୍ରାର୍ଥିନୀ ଲତିକା ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସାଂସଦ ପ୍ରାର୍ଥିନୀ ହୋଇଥିବା ଭଉଣୀ ରଞ୍ଜିତା ସାହୁଙ୍କୁ ବିପୁଳ ଭୋଟରେ ଜିତାଇବା ପାଇଁ ଅନୁରୋଧ କରିଥିଲେ । ସେହିପରି ସାଂସଦ ପ୍ରାର୍ଥିନୀ ମଧ୍ୟ ନିଜ ବକ୍ତବ୍ୟରେ ବିଧାୟିକା ପ୍ରାର୍ଥିନୀଙ୍କ ସପକ୍ଷରେ ମତ ରଖିଥିଲେ ।

## ପୁଲିସ ଓ ପ୍ରସିକ୍ୟୁଟର ମିଳିତ ବୈଠକ

**ଛତ୍ରପୁର,୫ ।୪(ସମିସ):** ଆଗକୁ ନିର୍ବାଚନ ଆସୁଥିବା ବେଳେ ଗଞ୍ଜାମ ଜିଲ୍ଲାରେ ଦିନକୁ ଦିନ ଅପରାଧ ବଢ଼ିବାରେ ଲାଗିଛି ତଥା ଅପରାଧିମାନେ ବେଖାତିର ଭାବେ ଖୋଲାରେ ବୁଲିବା ପୁଲିସ ବିଭାଗ ପାଇଁ ଏକ କଡ଼ା ଚ୍ୟାଲେଞ୍ଜ ସୃଷ୍ଟି କରିଛି । ଏହାକୁ ଧ୍ୟାନରେ ରଖି ତଥା ପୁଲିସ ବିଭାଗକୁ କିପରି ଆଇନର ବିଭିନ୍ନ ଗଳାବାଟ ସମ୍ବନ୍ଧରେ ଅବଗତ କରାଇ, ମାମଲାକୁ ସଠିକ ଦିଗରେ ନିଆଯାଇ ଏତଲାକାରୀ ତଥା ପୀଡ଼ିତଙ୍କୁ ନ୍ୟାୟ ଦିଆଯାଇପାରିବ ସେ କଥାକୁ ନଜରରେ ରଖି ଆଜି ପ୍ରୋବେଶନାରୀ ଆଇପିଏସ ଅଧିକାରୀ ଏ.ବି. ଶିଲ୍ପା, ଚମାଖଣ୍ଡି ଥାନାରେ ପୋଲିସ ଓ ପ୍ରସିକ୍ୟୁଟର ଏକ ମିଳିତ ବୈଠକ ଡକାଇଥିଲେ । ପ୍ରବେଶନାରୀ ଆଇପିଏସ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଛତ୍ରପୁର କ୍ୟାଡ଼ର ଏପିପି ରାଜେଶ କୁମାର ମିଶ୍ର ଏହି କର୍ମଶାଳାରେ ଯୋଗ ଦେଇ ଆଇନର ବିଭିନ୍ନ ଗଳା ବାଟ ତଥା ତଦନ୍ତ କିପରି ଆଇନ ସମ୍ମତ ହୋଇ ଲୋକଙ୍କୁ ନ୍ୟାୟ ଦିଆଯାଇପାରିବ ସେନେଇ ଆଲୋଚନା କରିଥିଲେ । ବିଭିନ୍ନ ସଙ୍ଗୀନ ମାମଲାରେ କିପରି ସଠିକ ଭାବେ ତଦନ୍ତ କରାଯାଇପାରିବ, ସେ ବିଷୟରେ ସମସ୍ତ ତଦନ୍ତକାରୀ ଅଧିକାରୀଙ୍କୁ ଶ୍ରୀ ମିଶ୍ର ଜଣାଇଥିଲେ । କର୍ମଶାଳାରେ ଚମାଖଣ୍ଡି ଥାନା ଅଧିକାରୀ ଦୀପିକା ଦେବୀ ରାୟ, ଏସଆଇ ମାନସୀ ସାହୁ, ଅଭିଜିତ ସାମଲ, ଏଏସଆଇ ଅରୁଣ ରାଉତ, ସୁବୋଧ ଦୁପଡ଼ା ଓ ସୁଶାନ ବାଗ ପ୍ରମୁଖ ଯୋଗଦେଇଥିଲେ । ସର୍ବ ଶେଷରେ ପ୍ରୋବେଶନାରୀ ଆଇପିଏସ ଅଧିକାରୀ ଏ.ବି. ଶିଲ୍ପା ସମସ୍ତ ପୋଲିସ ଅଧିକାରୀଙ୍କୁ ପ୍ରସିକ୍ୟୁଟର ସହ ସମନ୍ୱୟ ରଖି କାର୍ଯ୍ୟ କରି ପୀଡ଼ିତ/ପୀଡିତାଙ୍କୁ ଯଥା ସମ୍ଭବ ନ୍ୟାୟ ଦେବାକୁ ଉପଦେଶ ଦେଇଥିଲେ ।

## ଭଞ୍ଜନଗର ବ୍ଲକରେ ବିଜେଡିର କର୍ମୀ ସମ୍ମିଳନୀ



**ଭଞ୍ଜନଗର,୫ ।୪(ସମିସ):** ଲୋକସଭା ଓ ବିଧାନସଭା ନିର୍ବାଚନ ଜିତିବା ସହ ଗଡ ରକ୍ଷା ପାଇଁ ବିଜେଡି ତୃଣମୂଳ ସ୍ତରରେ କର୍ମୀ ମାନଙ୍କୁ ନେଇ ରଣ କୌଶଳ ଆରମ୍ଭ କରିଛି ଦଳ । ଶୁକ୍ରବାର ବାଉଁଶଲୁଣ୍ଡି ଓ ତୁରୁମୁ ପଞ୍ଚାୟତରେ କର୍ମୀ ସମ୍ମିଳନୀରେ ଗୁରୁମନ୍ତ୍ର ଦିଆଯାଇଛି । ଲଗାତାର ୬ ଥର ବିଜୟ ହାସଲ କରି ବିକ୍ରମ କେଶରୀ ଆରୁଖ ପୁଣି ଦଳରୁ ପ୍ରାର୍ଥୀ ହୋଇଥିବା ବେଳେ ବିଧାନସଭାର ବାଚସ୍ପତି ପଦ ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ମଧ୍ୟ ହୋଇଛନ୍ତି । ତାଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଭଞ୍ଜନଗର ବ୍ଲକ ବାଉଁଶଲୁଣ୍ଡି ପଞ୍ଚାୟତର କର୍ମୀଙ୍କୁ ନେଇ ଠାକୁରାଣୀ ମନ୍ଦିର ନିକଟରେ ଏବଂ ତୁରୁମୁ ପଞ୍ଚାୟତର ସୋରିଷମୂଳି ଠାରେ ଏକ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ନିର୍ବାଚନ ପାଇଁ ସ୍ୱତନ୍ତ୍ର ରଣନୀତି ସହ ଦଳିୟ ସଙ୍ଗଠନକୁ ତୃଣମୂଳ ସ୍ତରରୁ ମଜବୁତ କରିବା ସହ ଉନ୍ନୟନ ଯୋଜନାର ସୁଫଳ ଦ୍ୱାରା ଲୋକ କିଭଳି ଉପକୃତ ହୋଇପାରିଛନ୍ତି ଲୋକଙ୍କ ନିକଟରେ ପହଞ୍ଚାଇବାକୁ କର୍ମୀ ମାନଙ୍କୁ ଗୁରୁମନ୍ତ୍ର ଦିଆଯାଇଛି । ଏଥିରେ ଗଞ୍ଜାମ ଜିଲ୍ଲା ବିଜେଡି ଉପସଭାପତି ରାଜ କୁମାର ସାହୁ, ବ୍ଲକ ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ସାଂସଦ ପ୍ରତିନିଧି ଦିବାକର ନାୟକ, ଜିଲ୍ଲା ପରିଷଦ ସଦସ୍ୟ ଜିତେନ୍ଦ୍ର କେଶରୀ ଆରୁଖ, ଦେବଦତ୍ତ ପ୍ରଧାନ, ପୂର୍ବତନ ସରପଞ୍ଚ ଙ୍କ ଲିଙ୍ଗରାଜ ପ୍ରଧାନ, ଭବାନୀ ଶଙ୍କର ପ୍ରଧାନ, ରବୀନ୍ଦ୍ର ପ୍ରଧାନଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

## ମହେନ୍ଦ୍ର ବନାଞ୍ଚଳର ବିଭିନ୍ନ ସ୍ଥାନରେ ପ୍ରାଣୀ ସ୍ୱାସ୍ଥ୍ୟ ଶିବିର

**ପାରଳାଖେମୁଣ୍ଡି, ୫।୪ (ସମିସ)** : ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ବନଖଣ୍ଡ ଆନୁକୁଲ୍ୟରେ ଗାରାବନ୍ଧ ସେକ୍ସନର କାଲାସାଙ୍ଗି ସହ ୩ ଗ୍ରାମରେ ଗୃହପାଳିତ ପଶୁଙ୍କ ପାଇଁ ମାଗଣା ପ୍ରାଣୀ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରରେ ପ୍ରାୟ ୫୦୦ ଗୃହ ପାଳିତ ପଶୁଙ୍କୁ ମାଗଣାରେ ଚିକିତ୍ସା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମ ରେ ମହେନ୍ଦ୍ର ବନାଞ୍ଚଳ ଅଧିକାରୀ ଅମିତ୍ ଶୁଭ୍ରଜିତ, ଗୁରାଣ୍ଡି ପ୍ରାଣୀ ଚିକିତ୍ସକ ଦିଲୀପ ସାହୁ, ଗାରାବନ୍ଧ ବନପାଳ ଦୁର୍ଯୋଧନ ଜେନା, ବନରକ୍ଷୀ ଗିରିଶ କୁମାର ଏବଂ ପାରା ଫରେଷ୍ଟ ଷ୍ଟାଫ ଉପସ୍ଥିତ ଥିଲେ ।

### ଜିଲ୍ଲା ନିବନ୍ଧକ କାର୍ଯ୍ୟାଳୟ

# ୭ ଜଣଙ୍କ ଉପରେ ୧୪୪ ଧାରା ଜାରି




**ପାରଳାଖେମୁଣ୍ଡି,୫ ।୪(ସମିସ):** ପାରଳାଖେମୁଣ୍ଡି ରେଜିଷ୍ଟ୍ରେର କାର୍ଯ୍ୟାଳୟ ମଧ୍ୟରେ ପଶି ଅଭଦ୍ର ଭାଷାରେ ଗାଳିଗୁଲଜ କରିବା ସହ କାର୍ଯ୍ୟରତ ଅଧିକାରୀଙ୍କୁ ଆକ୍ରମଣ ଅଭିଯୋଗରେ ଥାନାରେ ମାମଲା ରୁଜୁ ହୋଇଛି । ୭ ଜଣଙ୍କ ନାମରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ପୁଲିସ ନୋଟିସ ଜାରି କରିଥିବାର ଜଣାପଡିଛି । ନିବନ୍ଧକ ଈଶ୍ୱର ଚନ୍ଦ୍ର ସାହୁଙ୍କ ଅଭିଯୋଗ ପ୍ରକାରେ ସରକାରୀ ଦପ୍ତର ମଧ୍ୟରେ ପଶି ଆକ୍ରମଣ, ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିବା, କାର୍ଯ୍ୟରତ ଅଧିକାରୀଙ୍କୁ ଆକ୍ରମଣ ଭଳି ଏକାଧିକ ଦଫାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ପୁଲିସ । ଆକ୍ରମଣରେ ସାମିଲ ଥିବା ଓ ଘଟଣା ସମୟରେ ଉପସ୍ଥିତ ଥିବା କିଛି ଦଲାଲକୁ ଡାକି ପଚରା ଉଚରା କରିଛି ପୁଲିସ । ଘଟଣା ପରେ ସରକାରୀ ସମ୍ପତ୍ତିର ସୁରକ୍ଷା ସହ ନିଜକୁ ଅସୁରକ୍ଷିତ ମନେ କରିବା ସହ ଦୁର୍ବୃତ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସ ସହ ପ୍ରଶାସନକୁ ନିବେଦନ ପରେ ପ୍ରଶାସନ ମଧ୍ୟ ଘଟଣାକୁ ଗୁରୁତ୍ୱ ସହ ନେଇ ରେଜିଷ୍ଟ୍ରେର କାର୍ଯ୍ୟାଳୟକୁ ଦଲାଲ ମୁକ୍ତ କରିବା ପାଇଁ ପଦକ୍ଷେପ ନିଆଯାଇଥିବାର ରେଜିଷ୍ଟ୍ରାର କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ । କାର୍ଯ୍ୟାଳୟ ପରିସରରେ ପୁଲିସ ସୁରକ୍ଷା ବ୍ୟବସ୍ଥା ବଢାଇବା ସହ ପରିସର ମଧ୍ୟକୁ ନୋଟିସ୍ ଜାରି ହୋଇଥିବା ୭ ଜଣଙ୍କ ନିମନ୍ତେ ୧୪୪ ଧାରା ଜାରି କରାଯାଇଛି । ସିସି ଟିଭି ଓ ଭିଡିଓ ଆଧାରରେ ଅନ୍ୟ ମାନଙ୍କୁ ଚିହ୍ନଟ କରିବା ସହ ତଦନ୍ତ ଜାରି ରଖିଛି ପୁଲିସ । ଏନେଇ ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ ଭୂପତି କହିଛନ୍ତି ଯେ, ଯେଉଁ ୭ଜଣଙ୍କ ନାମରେ ନୋଟିସ୍ ଜାରୀ କରାଯାଇଛି ସେମାନେ ବ୍ୟକ୍ତିଗତ କାର୍ଯ୍ୟରେ ରେଜିଷ୍ଟ୍ରାର କାର୍ଯ୍ୟାଳୟକୁ ଯାଇପାରିବେ କିନ୍ତୁ ସାମୁହିକ କାମରେ ଯାଇପାରିବେ ନାହିଁ । ଏହି ୭ ଜଣଙ୍କ ନିମନ୍ତେ ଆଗାମୀ ୧୦ ଦିନ ଯାଏଁ ୧୪୪ ଧାରା ବଳବତ୍ତର ରହିବ ବୋଲି ସୂଚନା ଦେଇଛନ୍ତି । ପ୍ରାୟ ଏକମାସ ହେବ ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ବ୍ୟାପକ ଅନିୟମିତତା, ହାତଗୁଞ୍ଜା ଏବଂ ବେଞ୍ଚମାର୍କ ଅନୁଯାୟୀ ଫିରେ ଖିଲାପ ହେଉଥିବା ଅଭିଯୋଗ କରି ଆନ୍ଦୋଳନ ହେଉଥିଲା । ହେଲେ ଚଳିତ ମାସ ଦୁଇ ତାରିଖରେ ଦିନ କିଛି ଆନ୍ଦୋଳନକାରୀ ଧାରଣା ଦେବା ସହ ଅଫିସ ଭିତରେ ପଶି ହୋହାଲ୍ଲା କରିଥିଲେ । ଯାହାକୁ ନେଇ ନିବନ୍ଧକ ଥାନାର ଦ୍ୱାରସ୍ଥ ହୋଇଛନ୍ତି ।

## ଦଣ୍ଡନାଚ ବେଳେ ଦୁଇ ଗୋଷ୍ଠୀ ମାରପିଟ୍ ,୨ ଗୁରୁତର

**ବ୍ରହ୍ମପୁର,୫।୪ (ସମିସ):** ଗୋପାଳପୁର ଥାନା ଅନ୍ତର୍ଗତ ମୋନାର୍କ ଛକ ନିକଟରେ ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇଛି । ଏଥିରେ ଦୁଇ ଆହତ ହୋଇଛନ୍ତି । ଏହି ଘଟଣା ନେଇ ପୁଲିସ ଦୁଇଟି ମାମଲା ରୁଜୁ କରିଛି ।

ସୂଚନାଯୋଗ୍ୟ ଯେ ସ୍ଥାନୀୟ ମୋନାର୍କ ଛକ ନିକଟରେ ଗୁରୁବାର ରାତିରେ ଦଣ୍ଡ ନାଚ ହୋଉଥିଲା । ରୁଦ୍ର ପାଣିଗ୍ରାହୀ ଓ ସୁନୀଲ ଦାସ ଗୋଷ୍ଠୀ ବିଳମ୍ବିତ ରାତିରେ କୌଣସି କଥାକୁ ନେଇ ଉଭୟ କଥା କଟାକଟି ହୋଇଥିଲେ । ପରେ ଏହା ଉଗ୍ର ରୂପ ଧାରଣା ହୋଇ ମାରପିଟ ହୋଇଥିଲା । ସୁନୀଲ ଗୋଷ୍ଠୀର ବିକି ପଣ୍ଡା ଓ ସୁନୀଲ ଗୁରୁତର ଆହତ ହୋଇଥିଲେ । ରୁଦ୍ରର ସହଯୋଗୀ ମାନେ ଘରେ ରହି ଯାଇଥିଲେ । ପରେ ସୁନୀଲ ସହଯୋଗୀ ରୁଦ୍ରର ଘର ସମ୍ମୁଖରେ ତିନୋଟି ବାଇକ୍ ଭାଙ୍ଗିଦେଇଥିଲେ । ଏହି ସ୍ଥାନ କିଛି ସମୟ ପାଇଁ ରଣକ୍ଷେତ୍ର ପାଲଟି ଯାଇଥିଲା । ଏ ନେଇ ରୁଦ୍ର ଗୋପାଳପୁର ଥାନାରେ ୭ ଜଣରୁ ଅଧିକଙ୍କ ନାମକରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରିଛି । ଅନ୍ୟପକ୍ଷରେ ସୁନୀଲ ମଧ୍ୟ ପାଲଟା ପାଞ୍ଚଜଣରୁ ଅଧିକଙ୍କ ନାମରେ ଅଭିଯୋଗ କରିଥିବା ଜଣାପଡିଛି । ପୁଲିସ ଏ ନେଇ ଏକ ମାମଲା ରୁଜୁ କରିଛି ।

## ଓକିଲ ସଂଘର ଶପଥ ଗ୍ରହଣ ଉତ୍ସବ

**ଆସିକା,୫ ।୪(ସମିସ):** ଆସିକା ଓକିଲ ସଂଘର ନବ ନିର୍ବାଚିତ ନୂତନ କର୍ମକର୍ତ୍ତା ମାନେ ଶୁକ୍ରବାରରେ ଶପଥ ଗ୍ରହଣ କରିଛନ୍ତି । ସଂଘର ପୂର୍ବତନ ସଭାପତି ସୁରେନ୍ଦ୍ର କୁମାର ପଣ୍ଡା ନବ ନିର୍ବାଚିତ ସଭାପତି ବରିଷ୍ଠ ଆଇନଜୀବୀ ସୁଧାଂଶୁ କୁମାର ପଣ୍ଡା, ଉପସଭାପତି ରୂପେ ପ୍ରଭାତ ପାଢ଼ୀ, ସମ୍ପାଦକ ରୁପେ ବିଦେଶୀ ନାହାକ, ସହ ସମ୍ପାଦକ ରାଘବ କୁମାର ନାହାକ, କୋଷାଧ୍ୟକ୍ଷ ରୂପେ ସନ୍ତୋଷ କୁମାର ମିଶ୍ର, ଲାଇବ୍ରେରୀ ସମ୍ପାଦକ ସୀମାଞ୍ଚଳ ସେଠୀ ପ୍ରମୁଖଙ୍କୁ ଶପଥ ପାଠ କରାଇଥିଲେ । ପରେ ଆନୁଷ୍ଠାନିକ ଭାବେ ପୂର୍ବତନ ସଭାପତି ରବୀନ୍ଦ୍ର ନାଥ ଶର୍ମାଙ୍କ ନେତୃତ୍ୱାଧୀନ ପରିଚାଳନା କମିଟି ଦାୟିତ୍ୱ ପକ୍ଷରୁ ନବନିର୍ବାଚିତ ପରିଚାଳନା କମିଟି ହସ୍ତାନ୍ତର କରାଯାଇଥିଲା । ସଂଘର ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ପୂର୍ବ କର୍ମକର୍ତ୍ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଯାଇଥିଲା । ବୈଠକରେ ନିର୍ବାଚନ ଅଧିକାରୀ କାଳୀଚରଣ ଦାଶ ପୂର୍ବ ଉପସଭାପତି ଛବିଳରାମ ମିଶ୍ର, ପୂର୍ବତନ ସମ୍ପାଦକ ନାରାୟଣ ମୁନି, ନୀଳାମ୍ବର ବେହେରା, ସରୋଜ ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ନାୟକ, ରାମ ପ୍ରସଦ ମିଶ୍ର, ଲଳିତ ମୋହନ ଦାଶ, ସରତେନ୍ଦୁ ପଣ୍ଡା, ଚନ୍ଦ୍ରଶେଖର ପାତ୍ର, ଅଜିତ ଚୌଧୁରି, ସରୋଜ କୁମାର ନାୟକ, ଚିତ୍ତରଞ୍ଜନ ଦାଶ, ପି ରବୀନ୍ଦ୍ର କୁମାର ପାତ୍ର, ପି.ଶିବ ଶଙ୍କର ପାତ୍ର, କାଳୀଚରଣ ଦାଶ, ଚିନ୍ତାମଣି ମେକାପ, ଦୁର୍ଗାଚରଣ ପଟ୍ଟନାୟକ, ଜି.ସୂର୍ଯ୍ୟପ୍ରକାଶ ରାଓ, ନାରାୟଣ ଜେନା, ଜୟଚନ୍ଦ୍ର ନାୟକ, ଅଜିତ କୁମାର ପଟ୍ଟନାୟକ, ଶିଶିର କୁମାର ନାୟକ, ବୁଢା ପାଣିଗ୍ରାହୀ, ସଞ୍ଜୟ କୁମାର ପାତ୍ର, ପ୍ରଶ୍ନ କୁମାର ବିଷୋୟୀ, ଏନ୍. ଯଜ୍ଞ ଆଚାରି, ନାରାୟଣ ହୋତା, ନାରାୟଣ ବେହେରା, ଦେବରାଜ ମିଶ୍ର, ପ୍ରଭାତ କୁମାର ପାଢ଼ୀ, ଶିବରମ ପ୍ରଧାନ, ସୁଧୀର କୁମାର ତ୍ରିପାଠୀ, ଦ୍ୱାରିକା ପରିଡ଼ା, ହର୍ଷ ରଞ୍ଜନ ପାଢ଼ୀ, ଅଜିତ କୁମାର ନାୟକ, ଅଜିତ କୁମାର ପ୍ରଧାନ, ଅଜିତ କୁମାର ମୁନି, ରୁଦ୍ର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ ।

## ଲାଠିରେ ଦଣ୍ଡନାଚ

**ବ୍ରହ୍ମପୁର,୫ ।୪(ସମିସ):** ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଦଣ୍ଡନାଚ ଆରମ୍ଭ ହୋଇଥିବାରୁ ଗାଁ ଠାରୁ ସହର ଏବେ ଉତ୍ସବ ମୁଖର ହୋଇ ଉଠିଛି । ବିଶେଷ କରି ୧୩ ଦିନିଆ ଦଣ୍ଡନାଚ ବାହାରିବା ପରେ ସହର ସାରା ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେଇଛି । ଏହି କ୍ରମରେ ଶୁକ୍ରବାର ସହର ଉପକଣ୍ଠ ଲାଠି ଗାଁରେ କୁରୁଳା ଗାଁର ଦଣ୍ଡନାଚ ଅନୁଷ୍ଠିତ ହୋଇଥିଲା । ଅପରାହ୍ନ ୨ଟାରୁ ଧୂଳିଦଣ୍ଡ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏହା ପରେ ଜଳଦଣ୍ଡ, ଅଗ୍ନିଦଣ୍ଡ ସହ ପଣା ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେହିପରି ସନ୍ଧ୍ୟାରେ ମା'କାଳୀଙ୍କ ସନ୍ଧ୍ୟା ଆଳତୀ ଦେଖିବା ଲାଗି ଗ୍ରାମବାସୀଙ୍କ ଭିଡ଼ ଜମିଥିଲା । ଇଶ୍ୱର ଗୌଡ଼, ବୃନ୍ଦାବନ



ଗୌଡ଼, ମନୋଜ ବିଶ୍ୱାଳ, ଶିବରାମ ବିଶ୍ୱାଳ, ଅରୁଣ କୁମାର ଗୌଡ଼, ଅଜିତ କୁମାର ଗୌଡ଼, ୱାର୍ଡ ସଭ୍ୟ ଜିଷ୍ଣୁ ଗୌଡ଼, ପ୍ରଶାନ୍ତ ଗୌଡ଼, କେଦାର ଗୌଡ଼, ସନ୍ତୋଷ ଗୌଡ଼, ମହେନ୍ଦ୍ର ଗୌଡ଼, ସୁନୀଲ ଗୌଡ଼, ପପୁନୁ ଗୌଡ଼, ଜୟସେନ ଗୌଡ଼ଙ୍କ ସମେତ ଯୁବଗୋଷ୍ଠୀ ଓ ସାହିବାସିନ୍ଦା ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ରାତିରେ ମା'ଙ୍କ ପରଭା ନୃତ୍ୟ ସହ ସାଂସ୍କୃତିକ କାର୍ଯ୍ୟକମ ପରିବେଷଣ ହୋଇଥିଲା ।

## ନାବାଳିକାଙ୍କୁ ଅପହରଣ ଅଭିଯୋଗ

**ରଙ୍ଗେଇଲୁଣ୍ଡା,୫ ।୪(ସମିସ):** ଗଞ୍ଜାମ ଜିଲ୍ଲା ଗୋଳନ୍ଥରା ଥାନା ଅଞ୍ଚଳର ଜଣେ ନାବାଳିକାକୁ ଜଣେ ଯୁବକ ପ୍ରଲୋଭନ ଦେଖାଇ ଅପହରଣ କରିଥିବା ନେଇ ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁସାରେ ପୁରଣା ପାଟଣା ଗ୍ରାମର ଜଣେ ଯୁବକ ଗତ ବୁଧବାର ଦିନ ନାବାଳିକାଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖି ଅପହରଣ କରି ନେଇ ଚମ୍ପଟ ମାରିଥିଲେ । ପରିବାର ଲୋକ ଜାଣିବା ପରେ ଆଖ ପାଖ ଅଞ୍ଚଳରେ ଖୋଜା ଖୋଜି କରିଥିଲେ ମଧ୍ୟ ପାଇନଥିଲେ । ଏନେଇ ଶୁକ୍ରବାର ନାବାଳିକାଙ୍କ ମା' ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ କେସନଂ(୧୫୪/୨୪) ଅନୁସାରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିôବାବେଳେ ଖୁବଶୀଘ୍ର ଅଭିଯୁକ୍ତକୁ ଗିରଫ କରାଯିବା ସହ ନାବାଳିକାକୁ ଉଦ୍ଧାର କରାଯିବ ବୋଲି ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ କହିଛନ୍ତି ।

## ଖରିଡ଼ା ଗ୍ରାମରେ ପଞ୍ଚୁଦଣ୍ଡ ମହାମିଳନ



**ବୁଗୁଡ଼ା,୫ ।୪(ସମିସ):** ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଖରିଡା ଗ୍ରାମରେ ପଞ୍ଚୁଦଣ୍ଡ ମହାମିଳନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପଙ୍କଳବାଡି, ଭାମଶିଆଳି, ବୁଗୁଡ଼ା, ଜିଲିବା ଓ ଜାଲଖାଇ ଆଦି ୫ଟି ଗ୍ରାମର ଦଣ୍ଡଯାତ୍ରା ଦଳର ଢୋଲ ବାଦ୍ୟର ତାଳେ ତାଳେ ପଞ୍ଚକାଳୀ, ପଞ୍ଚରୁଦ୍ର ଓ ପଞ୍ଚବର ମିଳିତ ହୋଇଥିଲା । ଏହି ମହାମିଳନକୁ ଦେଖିବା ଲାଗି ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାବେଶ ଦେଖିବାକୁ ମିଳିଥିଲା । ଦଣ୍ଡଯାତ୍ରା ଦଳଗୁଡ଼ିକର ଗ୍ରାମ ପରିକ୍ରମା କାଳରେ ପ୍ରତ୍ୟେକ ଘର ସମ୍ମୁଖରେ ପୂର୍ଣ୍ଣକୁମ୍ଭ ଦୃଶ୍ୟମାନ ହେବା ସହ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଏଥି ସହ ପଞ୍ଚ ଦଣ୍ଡଦଳର ଧୂଳିଦଣ୍ଡ, ପାଣିଦଣ୍ଡ, ଅଗ୍ନିଦଣ୍ଡ, ସନ୍ଧ୍ୟା ଆଳତି କାର୍ଯ୍ୟକ୍ରମରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ଫୋର୍ସ ମୁତୟନ ରହିଥିଲେ ।

## ପଞ୍ଚମ ଦିନରେ ବାବା ଗୋଖରନାଥଙ୍କ ଯଜ୍ଞ

**ଗଞ୍ଜାମ,୫ ।୪(ସମିସ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତର ଗୋଖରକୁଦା ଗ୍ରାମରେ ବାବା ଗୋଖରନାଥ ମହାଦେବ, ଗ୍ରାମଦେବୀ ମା'ପଦ୍ମାବତୀ ଓ ବୀର ହନୁମାନ ବିଗ୍ରହର ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମ ପଞ୍ଚମ ଦିବସରେ ପହଁଚିଛି । ଏହି ଅବସରରେ ୨୪ ପ୍ରହର ନାମଯଜ୍ଞ, ଅନ୍ନଯଜ୍ଞ, ଘୃତଯଜ୍ଞ ପଣ୍ଡିତ ଅଶୋକ କୁମାର ଶତପଥୀ, ପୁରୋହିତ ଶଶୀ ଭୂଷଣ ଶତପଥୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହେଉଛି । ଶୁକ୍ରବାର ଦେବତାଙ୍କ ସିଂହାସନ ଆରୋହଣ, ଧ୍ୱଜା ଭୂଷଣ ଘୃତଯଜ୍ଞର ପୂର୍ଣ୍ଣାହୂତି, ନାମଯଜ୍ଞ, ଅନ୍ନଯଜ୍ଞ ଆୟୋଜିତ ହୋଇଛି । ରାମଦୋଳି, ମିନା ବଜାର ଲୋକଙ୍କୁ ଆକର୍ଷିତ କରୁଥିବା ବେଳେ ପ୍ରବଳ ଜନ ସମାଗମ ହେଉଥିବା ଲକ୍ଷ୍ୟ କରାଯାଇଛି ।

## ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟରେ 'ଯୋଗୋତ୍ସବ'



**ପାରଳାଖେମୁଣ୍ଡି,୫ ।୪(ସମିସ):** ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ଏବଂ ମୋରାର୍ଜୀ ଦେଶାଇ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଯୋଗ, ଆୟୁଷ୍ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ସହଯୋଗରେ ପାରଳାଖେମୁଣ୍ଡିରେ ଯୋଗୋତ୍ସବ ୨୦୨୪ ପାଳନ କରାଯାଇଛି । ଯୋଗ ଆନ୍ତର୍ଜାତୀୟ ଦିବସ ଉପଲକ୍ଷେ କେନ୍ଦ୍ର ମନ୍ତ୍ରଣାଳୟ ଦ୍ୱାରା ଆରମ୍ଭ କରାଯାଇଥିବା ୧୦୦ଦିନ, ୧୦୦ସହର, ୧୦୦ଆନୁଷ୍ଠାନରେ ଏହା ୩୩ଦିନ ରେ ଆନୁଷ୍ଠିତ ହୋଇଛି । ପାରଳାଖେମୁଣ୍ଡିସ୍ଥିତ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟରେ ସକାଳ ୬.୦୦ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରର ପ୍ରଥମ ଅଧିବେଶନ ସାଧାରଣ ଯୋଗର ବ୍ୟବହାରିକ ସମ୍ପର୍କରେ ଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଜାତୀୟ ସ୍ୱାସ୍ଥ୍ୟ ମିଶନ ର ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ସୌମ୍ୟାରାଣୀ ଗୌଡା, ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର୍ ପ୍ରଫେସର ଅନୀତା ପାତ୍ର ଏବଂ ନିର୍ଦ୍ଦେଶକ ପ୍ରଶାସନ କ୍ୟାମ୍ପସ୍ ଡ. ଦୁର୍ଗା ପ୍ରସାଦ ପାଢୀ ପ୍ରଦୀପ ପ୍ରଜ୍ୱଳନ ସହିତ ପ୍ରଭାତ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ମୁଖ୍ୟ ଅତିଥି ଯୋଗ ଅଭ୍ୟାସକାରୀଙ୍କୁ ଏକ ସୁସ୍ଥ ଜୀବନଶୈଳୀ ଏବଂ ସଠିକ ସମୟ ପରିଚାଳନା ପାଇଁ ଉତ୍ସାହିତ କରିଥିଲେ । ସଂଯୋଜକ ପ୍ରଦିପ କୁମାର ସାହୁ ଏବଂ ୫୦୦ରୁ ଅଧିକ ଅଂଶଗ୍ରହଣକାରୀଙ୍କ ଦ୍ୱାରା ସାଧାରଣ ଯୋଗ ସହିତ ଅଧିବେଶନ ଜାରି ରହିଥିଲା । ଯେଉଁଥିରେ କଲେଜ ଛାତ୍ର, ଆୟୁଷ ଯୋଗ ପ୍ରଶିକ୍ଷକ, ଏନସିସି, ଏନଏସଏସ, ଅଙ୍ଗନବାଡି କର୍ମୀ, ଆଶା କର୍ମୀ ଏବଂ ସାଧାରଣ ଯୋଗ ଅଭ୍ୟାସକାରୀ ରହିଥିଲେ । ସେଞ୍ଚୁରିଅନ୍ ଯୋଗ କ୍ଲବ ଏବଂ ପୁରୀର ଶ୍ରୀ ଜଗନ୍ନାଥ ଯୋଗ ଏକାଡେମୀ ଛାତ୍ରମାନଙ୍କ ଦ୍ୱାରା ଆର୍ଟିଷ୍ଟିକ୍ ଯୋଗ ପ୍ରଦର୍ଶନ ସମସ୍ତଙ୍କୁ ଆକର୍ଷିତ କରିଥିଲା । ଯୋଗର ବିକାଶ ତଥା ପ୍ରୋତ୍ସାହନ ଦିଗରେ ଯୋଗ କ୍ଷେତ୍ରରେ ଆଦର୍ଶ ଅବଦାନ ପାଇଁ ୪ ଯୋଗ ଗୁରୁଙ୍କୁ ଯୋଗ ବୃନ୍ଦ ପୁରସ୍କାର ପ୍ରଦାନ କରାଯାଇଥିଲା । ସେମାନେ ହେଲେ ପ୍ରଫେସର ପ୍ରଫୁଲ୍ଲ କୁମାର ପଣ୍ଡା, ପ୍ରଫେସର ବାଲାଜୀ ପାଦୀ, ପ୍ରଫେସର ଜୟେନ୍ଦ୍ର କୁମାର ମିଶ୍ର ଏବଂ ପ୍ରଫେସର ପ୍ରଦୀପ କୁମାର ସାହୁ । ଦ୍ୱିତୀୟ ଅଧିବେଶନରେ ମୋରାର୍ଜୀ ଦେଶାଇ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଯୋଗର ପୂର୍ବତନ ନିର୍ଦ୍ଦେଶକ ଡ. ଈଶ୍ୱର, ଭି. ବାସଭାରାଡି, ସିଓଏ ବିଶ୍ୱବିଦ୍ୟାଳୟ ମାନବିକତା ବିଭାଗର ପ୍ରଫେସର ଡ. ସଂଯମ ପ୍ରଭାସ ଶତପଥୀ ଏବଂ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ସ୍ଥାପତ୍ୟ ବିଦ୍ୟାଳୟର ସହକାରୀ ପ୍ରଫେସର ଏ.ଆର ରୁପାଲ ଶାହା ବକ୍ତା ଭାବେ ଯୋଗ ଦେଇଥିଲେ ।

# ରୋଜଗାର ଦେଉଛି ସୂର୍ଯ୍ୟମୁଖୀ, ସ୍ୱାବଲମ୍ବୀ ହେଉଛନ୍ତି ଚାଷୀ



**ଫିରିଙ୍ଗିଆ,୫। ୪(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକରେ ବର୍ତ୍ତମାନ ଚାଷୀ ବିଭିନ୍ନ ଚାଷକୁ ଆପଣେଇଥିବା ବେଳେ ମହିଳା ଷ୍ଟ୍ରବେରୀ ଚାଷ ଓ ଡ୍ରାଗନ ଫ୍ରୁଟ ଚାଷକୁ ନିଜର ରୋଜଗାର ଭାବରେ ଗ୍ରହଣ କରିଛନ୍ତି । ଏଭଳି ସ୍ଥିତିରେ ଚଳିତ ବର୍ଷ ଫିରିଙ୍ଗିଆ ବ୍ଲକ ଫିରିଙ୍ଗିଆ ପଞ୍ଚାୟତର ନେଡିପଦରରେ ୨୫ ଏକରରୁ ଅଧିକ ଜମିରେ ସୂର୍ଯ୍ୟମୁଖୀ ଫୁଲ ଚାଷ କରାଯାଇଥିବା ଦେଖିବାକୁ ମିଳିଛି । ଗାଁର ପ୍ରାୟ ୧୫ରୁ ଅଧିକ ଚାଷୀ ସୂର୍ଯ୍ୟମୁଖୀ ଚାଷ କରିଛନ୍ତି । ଏଥିରେ ଗାଁର ମହିଳା ଚାଷୀ ମଧ୍ୟ ସାମିଲ ଅଛନ୍ତି । ପୂର୍ବରୁ ଗାଁର ଚାଷୀ ଧାନ ଚାଷ କରିଆସୁଥିଲେ । ୫ ବର୍ଷ ହେବ ଅଳ୍ପ କିଛି ଚାଷୀ ସୂର୍ଯ୍ୟମୁଖୀ ଓ ବିଭିନ୍ନ ମିଶ୍ରିତ ଚାଷ ବାଇଗଣ, ଲଙ୍କା, ଟମାଟ ଓ ମକା ଭଳି ଚାଷ କରି ସ୍ୱଳ୍ପ ରୋଜଗାରକ୍ଷମ ହେଉଥିବା ବେଳେ ଚଳିତ ବର୍ଷ ବିଭିନ୍ନ ମିଶ୍ରିତ ଚାଷ ସହ ୨୫ ଏକରରୁ ଅଧିକ ଜମିରେ ସୂର୍ଯ୍ୟମୁଖୀ ଚାଷ କରି ଅଧିକ ରୋଜଗାର ହୋଇପାରିବ ବୋଲି ଆଶା ରଖିଛନ୍ତି ଚାଷୀ । ପୂର୍ବରୁ ସୂର୍ଯ୍ୟମୁଖୀ ଚାଷ କରି ମଞ୍ଜିରୁ ତେଲ ବାହାର କରି ନିଜ ପାଇଁ ତେଲ ରଖି ବଳକାକୁ ବିକ୍ରି କରି ୨ ପଇସା ରୋଜଗାର କରୁଥିବା ବେଳେ ମଞ୍ଜି ବିକ୍ରି କରି ମଧ୍ୟ ଅଳ୍ପ କିଛି ରୋଜଗାର ହେଉଥିଲା । ଚଳିତ ବର୍ଷ ଫସଲ ଅଧିକ ଭଲ ହୋଇଥିବା ବେଳେ ତେଲ କରି ନିଜ ପାଇଁ ରଖି ମଞ୍ଜି ବିକ୍ରି କରି ଭଲ ରୋଜଗାର ହୋଇପରିବେ ବୋଲି କହିଛନ୍ତି ଗାଁର ଚାଷୀ ଟୁବା କହଁର, ପରମେଶ୍ୱର କହଁର ଓ ବିମି କହଁର । ହେଲେ ଗାଁରେ ବର୍ଷା ଦିନେ ଜଳସେଚନ ସୁବିଧା ରହିଛି । କିନ୍ତୁ ଖରାଦିନେ ଚାଷ ପାଇଁ ପାଣିର ସୁବିଧା ନ ଥିବାରୁ ପ୍ରଶାସନ ଏହାକୁ ଗୁରୁତ୍ୱ ଦେଇ ଚାଷ ପାଇଁ ଜମିକୁ ଯେକୌଣସି ମାଧ୍ୟମରେ ପାଣି ଯୋଗାଇ ଦେବାକୁ ଗାଁର ମନସିଂ କହଁର, ରବି କହଁର, ବିମି କହଁର, ମାଧବ କହଁର, ଦିନ କହଁର, ବିଜୁ କହଁର, ଟିମା କହଁର, ରାକେଶ କହଁର, ନବକିଶ୍"ର କହଁର ଓ ଅନ୍ୟାନ୍ୟ ଚାଷୀ ଦାବି କରିଛନ୍ତି ।

## ବିଦ୍ୟୁତ୍ ସର୍ଟସର୍କିଟ୍‌ରୁ ବିସ୍ଫୋରଣ, ଅଳ୍ପକେ ବର୍ତ୍ତିଲେ ପଥଚାରୀ



**ପାରଳାଖେମୁଣ୍ଡି,୫ ।୪ (ସମିସ)** : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରର ମୁଖ୍ୟ ବଜାର ଛକ ତଥା କରଣସାହି ଛକରେ ଥିବା ମହାରାଜାଙ୍କ ପ୍ରତିମୂର୍ତ୍ତି ନିକଟରେ ବିଦ୍ୟୁତ ସର୍ଟସର୍କିଟ ଯୋଗୁଁ ବିସ୍ଫୋରଣ ହୋଇ ନିଆଁ ଲାଗିଯାଇଥିଲା । ଏହାର ପ୍ରଭାବରେ କାହାରି କିଛି କ୍ଷୟକ୍ଷତି ହୋଇନଥିବା ବେଳେ ଅଳ୍ପକେ ବର୍ତ୍ତିଯାଇଛନ୍ତି ପଥଚାରୀ । ତେବେ ଏପରି ସର୍ଟସର୍କିଟ ଦୃଶ୍ୟ ଦୀପାବଳୀର ଭ୍ରମ ସୃଷ୍ଟି କରିଥିଲା । ବାଣ ଫୁଟିବା ଭଳି ଶବ୍ଦ ସହ ପ୍ରାୟ ୧୫ ମିନିଟ ଧରି ଆଲୋକ ଝଲସିଥିଲା । ଲୋକେ ତଥା ଆଖପାଖର ବ୍ୟବସାୟୀ ଭୟଭିତ ହୋଇ ଦୌଡି ପଳାଇଥିଲେ । ପଥଚାରୀ ବିଦ୍ୟୁତ ତାର ଛିଣ୍ଡିଯିବା ଆଶଙ୍କା କରି ଅଟକି ରହିଥିଲେ । କେଉଁ କାରଣରୁ ଏପରି ସର୍ଟସର୍କିଟ ଘଟିଲା ତାହା ସ୍ପଷ୍ଟ ହୋଇନଥିଲେ ମଧ୍ୟ ବିଦ୍ୟୁତ ବିଭାଗର ମନଇଚ୍ଛା କାର୍ଯ୍ୟ ଯୋଗୁଁ ଏପରି ଘଟୁଥିବାର ସାଧାରଣରେ ଆଲୋଚନା ହେଉଛି ।

